# ରାସ୍ତା ନିର୍ମାଣ ପାଇଁ ଖୋଳାଯାଉଛି କେନାଲ ବନ୍ଧ ପାର୍ଶ୍ୱ

ପଟ୍ଟାମୁଣ୍ଡାଇ,୧୮।୧୨(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଲୋକଙ୍କ ଗମନାଗମନ ସୁବ୍ୟବସ୍ଥା ପାଇଁ ଦ୍ରୁତଗତିରେ ଚାଲିଛି ରାସ୍ତାଘାଟର ବିକାଶ। ବିକାଶ ନାମରେ ନିର୍ମାଣ ହେଉଛି ନୂଆ ରାସ୍ତାଘାଟ। ରାସ୍ତା ନିର୍ମାଣ କାମରେ ତଡ଼ା ହେଉଛି ଗଛମୂଳ ମାଟି ଓ ଖୋଳା ହେଉଛି କେନାଲ ବନ୍ଧ। ଫଳରେ ଗଛ ଟଳି ପଡୁଛି। ଯାହାର ସିଧାସଳଖ ପ୍ରଭାବ ପଡ଼ିଛି ଏହି ଅଞ୍ଚଳର ଚାଷ ଜମି ଓ ପରିବେଶ ଉପରେ। ନଦୀ ନାଳ ବଣ ଜଙ୍ଗଲ ଘେରା ଏହି ଅଞ୍ଚଳ ହୋଇଥିଲେ ହେଁ ଉପରୋକ୍ତ କାରଣରୁ କ୍ରମଶଃ ଗଛ ସଂଖ୍ୟା କମି ପ୍ରତିକୂଳ ପ୍ରଭାବରେ ଜଳବାୟୁ ବିଗିଡ଼ି ତାପମାତ୍ରାରେ ପରିବର୍ତ୍ତନ ଘଟୁଛି। ଏ ନେଇ ବନ ବିଭାଗ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି।

ପରିବେଶବିତ୍ ବିଭୂତି ମହାପାତ୍ର କହିଛନ୍ତି, ପଟ୍ଟାମୁଣ୍ଡାଇ କେନାଲକୁ ସଂଯୋଗ କରିଥିବା ଗୋବରୀ ସମ୍ପ୍ରସାରିତ କେନାଲର ଦକ୍ଷିଣ ପାର୍ଶ୍ୱ ବନ୍ଧ କଖାରୁଣୀ ପୋଲ ପାଖରୁ ଗଣ୍ଡାକିଆ ପର୍ଯ୍ୟନ୍ତ ରାସ୍ତା ନବୀକରଣ କାମ ଚାଲୁ ରହିଛି। ଏଥିନିମନ୍ତେ ଜଳସମ୍ପଦ ବିଭାଗ ପକ୍ଷରୁ ପାଖାପାଖି ୯ କୋଟି ଟଙ୍କା ବ୍ୟୟ ବରାଦ ହୋଇ ଟେଣ୍ଡର ମାଧ୍ୟମରେ ଠିକାଦାର ନିଯୁକ୍ତ ହୋଇ କାର୍ଯ୍ୟ ଆରମ୍ଭ କରାଯାଇଛି। ଏହି ରାସ୍ତା ପାର୍ଶ୍ୱରେ ତାଳ, ଯୁକାଲପଟାସ, ବର, ଚାକୁଣ୍ଡା, ଆମ୍ବ, ଓସ୍ତ ଭଳି ବହୁ ବଡ଼ ବଡ଼ ଗଛ ରହିଛି। ହେଲେ ଠିକାଦାର ରାସ୍ତା କାମରେ ଲାଗୁଥିବା ମାଟିକୁ ଉକ୍ତ ଗଛ ମୂଳରୁ ତାଡ଼ି ନେଉଥିବାରୁ ବହୁଗଛ ଟଳି ପଡୁଛି। ଫଳରେ ଉକ୍ତ ଗଛକୁ କାମରେ ନିୟୋଜିତ ଲୋକେ କାଟି ନେଇ ବିକ୍ରି କରି ଦେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ମାତ୍ର ଗଛଟିଏ ଲଗାଇବା ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ହେଲେ ଗଛ କାଟି ରାସ୍ତା ତିଆରି କରାଯାଉଛି। ଏହାକୁ ନେଇ କେବଳ ବାଟୋଇ ନୁହନ୍ତି ଅଞ୍ଚଳବାସୀ ବି ଚିନ୍ତାରେ ପଡ଼ିଛନ୍ତି। ଏ ସମ୍ପର୍କରେ ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ପଚାରିବାରୁ ଏହା ଉପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଚାଷୀ ସୁଶାନ୍ତ ସାମଲ, କାଳନ୍ଦୀ ସାମଲ କହିଛନ୍ତି, ଜଳ ସମ୍ପଦ ବିଭାଗର ଖାମଖିଆଲି ନୀତି ପାଇଁ ଠିକାଦାର କେନାଲ ବନ୍ଧକୁ ହାଣି ସେହି ମାଟିକୁ ରାସ୍ତା ନିର୍ମାଣରେ ଲଗାଇ ଚାଲିଛନ୍ତି। ଫଳରେ କେନାଲରେ ପାଣି ଆସିଲେ ବନ୍ଧରୁ ଅତଡ଼ା ଖାଇ ଶଯ୍ୟା ପୋତି ହୋଇ ଯାଇ ପାରେ ବୋଲି ସନ୍ଦେହ ସୃଷ୍ଟି ହେଉଛି। ଯଦି କେନାଲ ପୋତି ହୁଏ ତେବେ ଆଗାମୀଦିନରେ ଉତିକଣ ଭେଡ଼ାକୁ ଜଳସେଚନରେ ବାଧା ସୃଷ୍ଟି ହେବା ସହ ଚାଷ କାମରେ ବାଧା ଉପୁଜିବା ସୁନିଶ୍ଚିତ। ଏ ନେଇ ଜଳ ସମ୍ପଦ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ ବୋଲି ବୁଦ୍ଧିଜୀବୀ ଓ ଚାଷୀମାନେ କହିଛନ୍ତି। ଯୁବ ସଙ୍ଗଠକ ଗୌତମ ବେହେରା କହିଛନ୍ତି, ପଟ୍ଟାମୁଣ୍ଡାଇ ଉତିକଣ ଅଞ୍ଚଳର ଚାଷୀମାନଙ୍କର ଏକମାତ୍ର ଭରସା ଗୋବରୀ କେନାଲ। ଧାନଚାଷ ସମୟରେ ଏବଂ ବନ୍ୟା ପରିସ୍ଥିତିରେ ଏହି କେନାଲ ସହାୟକ ହୋଇଥାଏ। ଚାଷଜମିକୁ ଜଳଯୋଗାଣ ବ୍ୟବସ୍ଥା ସୁସଙ୍ଗଠିତ ଓ ସୁନିୟନ୍ତ୍ରିତ ଲାଗି ୨୦୧୬ରେ ରାଜକୋଷରୁ କୋଟି କୋଟି ଅର୍ଥ ବ୍ୟୟ କରାଯାଇ ଏହି କେନାଲ ଦୁଇପାର୍ଶ୍ୱକୁ ପୋତା ଯାଇ ଏହାର ଓସାରକୁ କମାଇ ଦିଆଯାଇଥିଲା। ମାତ୍ର କଖାରୁଣୀ ପୋଲ ପାଖରୁ ଗଣ୍ଡାକିଆ ପର୍ଯ୍ୟନ୍ତ କେନାଲ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଥିବାବେଳେ ତାହା ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ବାହାରୁ ମାଟି କିଣି ପକାଇବା ସହ ବିଦ୍ୟୁତ୍ ଖୁଣ୍ଟ ଉଠାଯିବା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ଆକଳନ କରାଯାଇ ବ୍ୟୟ ଅଟକଳ କରାଯାଇଛି। ଏପଟେ ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ଠିକାଦାର କେନାଲର ଉଭୟ ପାର୍ଶ୍ୱ, ଶଯ୍ୟାକୁ ହାଣି ମାଟି କାମ କରି ଚାଲିଛନ୍ତି। ଫଳରେ ଜଳ ପରିଚାଳନା ଓ ବନ୍ଧର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠୁଛି।

ଏ ସମ୍ପର୍କରେ ଜଳସମ୍ପଦ ବିଭାଗର ଯନ୍ତ୍ରୀ ସୁନୀଲ ନାୟକଙ୍କୁ ପଚାରିବାରେ ଅଭିଯୋଗ ପାଇବା ପରେ କାର୍ଯ୍ୟକ୍ଷେତ୍ର ତନଖି କରିଛି, ନିର୍ମାଣ କର୍ଯ୍ୟ କରୁଥିବା ଠିକାଦାରଙ୍କୁ କେନାଲ ପାର୍ଶ୍ୱରୁ ମାଟି ନ ଖୋଳିବା ପାଇଁ କୁହାଯାଇଛି ବୋଲି ସେ କହିଛନ୍ତି।



କେନାଲ ପାର୍ଶ୍ୱ ବନ୍ଧକୁ ତଡ଼ା ଯାଇ ରାସ୍ତା ନିର୍ମାଣ ଚାଲିଛି।



ରାସ୍ତା କଡ଼ରୁ ଗଛକୁ ତାଡି ଦିଆଯାଇଛି।

- ତଡ଼ା ହେଉଛି ଗଛମୂଳ ମାଟି: ଟଳି ପଡୁଛି ଗଛ
- ଜଳ ପରିଚାଳନା ନେଇ ସନ୍ଦେହ

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ରାଜନଗର,୧୮।୧୨ (ଭାସ୍କର ରାଉତରାୟ)

ରାଜନଗର ଥାନା ଅନ୍ତର୍ଗତ ମହୁଲିଆ ଗ୍ରାମରେ ମଙ୍ଗଳବାର ରାତିରେ ତୁଷାର କାନ୍ତ ଦାସଙ୍କୁ କେତେକ ଯୁବକ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏ ନେଇ ରାଜନଗର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା (ନଂ ୪୫୨/୨୦୨୪) ରୁଜୁ କରି ଛାନଭିନ୍ କରୁଛି। ତୁଷାରକାନ୍ତଙ୍କ ସ୍ତ୍ରୀଙ୍କ ଅଭିଯୋଗ ମୁତାବକ ମଙ୍ଗଳବାର ରାତି ୯ଟାରେ ମହୁଲିଆ ଗ୍ରାମର ଗୟାଧର ଦାସ ଏବଂ ଅନ୍ୟ କେତେଜଣ ଯୁବକ ମୋତେ ଗ୍ରାମର ଛକ ନିକଟକୁ ଆସିବା ପାଇଁ ଖବର ଦେଇଥିଲେ। ମୁଁ ତୁରନ୍ତ ଖବରପାଇ ମହୁଲିଆ ଛକ ନିକଟରେ ପହଞ୍ଚି ଦେଖେତ ୧୦୮ ଆମ୍ବୁଲାନ୍ସ ଯୋଗେ ଗ୍ରାମବାସୀ ମୋ ସ୍ୱାମୀଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଯାଉଛନ୍ତି। ମୁଁ ଡାକ୍ତରଖାନାରେ ପହଞ୍ଚିବା ପରେ ମୋ ସ୍ୱାମୀଙ୍କଠାରୁ ପଚାରି ବୁଝିଲି ଯେ କେତେକ ଯୁବକ ମୋ ସ୍ୱାମୀଙ୍କୁ ଛୁରାମାଡ କରିବା ସହ ଗୋଇଠା ବିଧା ମାରିଥିଲେ। ଏପରି କି ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ମୋ ମୁହଁକୁ ଲଙ୍କାଗୁଣ୍ଡ ଓ ବାଲି ପକାଇ ଦେଇଥିଲେ। ମୁଁ ଚିତ୍କାର କରିବାରୁ ଗ୍ରାମବାସୀ ଦୌଡି ଆସିଥିଲେ। ଫଳରେ ଅବିନାଶ ରାଉତ, ନୟନାନନ୍ଦ ବେହେରା, ଦିବାକର ରାଉଳ ପ୍ରମୁଖ ଦୌଡି ପଳାଇ ଯାଇଥିଲେ। ଏ ନେଇ ଆଇଆଇସି ଅଜୟ କୁମାର ଜେନାଙ୍କୁ ପଚାରିବାରୁ ଅଭିଯୋଗ ହୋଇଛି। ମାମଲା ରୁଜୁ କରାଯାଇ ଛାନଭିନ ଜାରି ରହିଛି ବୋଲି କହିଛନ୍ତି।



ଆକ୍ରମଣର ଶିକାର ହୋଇଥିବା ଯୁବକ।

# ୪ ବଖରା ଜଳିଗଲା



ରାଜନଗର,୧୮।୧୨(ଭାସ୍କର ରାଉତରାୟ)

ରାଜନଗର ତହସିଲ ଅନ୍ତର୍ଗତ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଜରିମୂଳର ହରେକୃଷ୍ଣ ବିଶ୍ୱାଳଙ୍କ ୪ ବଖରା ଘର ବୁଧବାର ସନ୍ଧ୍ୟାରେ ବିଦ୍ୟୁତ ଶର୍ଟସର୍କିଟ ଯୋଗୁଁ ପୋଡି ପାଉଁଶ ହୋଇଛି। ହରେକୃଷ୍ଣଙ୍କ ପରିବାର ଲୋକଙ୍କୁ ପିନ୍ଧାଲୁଗା ଛଡା ଘରର ସମସ୍ତ ଧାନ, ଚାଉଳ, ଟଙ୍କା, ଗହଣା ସମେତ ସମସ୍ତ ଆସବାସ ପତ୍ର ପୋଡି ପାଉଁଶ ଯାଇଛି। ପ୍ରାୟ ୫ ଲକ୍ଷ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ପରିବାର ଲୋକେ ପଡୋଶୀଙ୍କ ଘରେ ଆଶ୍ରୟ ନେଇଛନ୍ତି।

# ମହିଳାଙ୍କ ଆକାଉଣ୍ଟରୁ ୬୬ ହଜାର ଲୁଟିନେଲେ ସାଇବର ଠକ

ଆଳି,୧୮।୧୨(ବନମାଳୀ ସେନାପତି)

ଜଣେ ଯୁବକ ସ୍ୱାସ୍ଥ୍ୟ ବିଭାଗରୁ କଲ କରୁଛି କହି ଜଣେ ପ୍ରସୂତି ମହିଳାଙ୍କ ଆକାଉଣ୍ଟରୁ ୬୬ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି।ଏ ନେଇ ମହିଳା ଜଣକ ଆଳି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଅନୁଯାୟୀ, ଆଳି ଥାନା ଅଧୀନ ଗୋପ ଗ୍ରାମର ଏକ୍ରାମୁଦ୍ଦିନଙ୍କ ସ୍ତ୍ରୀ ତନଜ୍ଜୁମ ବିବି କରିଥିବା ଅଭିଯୋଗ ଅନୁଯାୟୀ, ଗତ ୧୫ ତାରିଖ ଦିନ ଆଶାକର୍ମୀ ନିରୁପମା ସେଠୀଙ୍କ ନିକଟକୁ ଏକ ଅଜଣା କଲ ଆସିଥିଲା । ଏହି କଲ କରିଥିବା ବ୍ୟକ୍ତି ଜଣକ ଦିଲୀ ମହିଳା ସ୍ୱାସ୍ଥ୍ୟ ବିଭାଗର ବୋଲି ପରିଚୟ ଦେଇ ଜଣେ ପ୍ରସୂତିଙ୍କ ନମ୍ବର ମାଗିଥିଲେ। ଏ ନେଇ ଆଶା ନିରୁପମା ସେଠୀ ଗୋପ ଗ୍ରାମର ତନଜ୍ଜୁମ ବିବିଙ୍କ ନମ୍ବର ଦେବା ପରେ ସେହି ବ୍ୟକ୍ତି ଜଣଙ୍କ ନିରୁପମାକୁ କନଫରେନ୍ସରେ ରଖି ତନଜ୍ଜୁମଙ୍କ ସହିତ କଥା ହୋଇଥିଲେ। ତନଜ୍ଜୁମଙ୍କୁ ଅଙ୍ଗନୱାଡିରୁ ଅଣ୍ଡା, ଛତୁଆ, ଲଡୁ ଠିକ ସମୟରେ ମିଳୁଛି କି ନାହିଁ ବୁଝିବା ସହିତ ଆଶାଦିଦି କ୍ୟାଲସିୟମ ଭଳି ଔଷଧ ଦେଇଛନ୍ତି କି ନାହିଁ ପଚାରି ବୁଝିଥିଲେ । ପରେ ତାଙ୍କ ନବଜାତକ ଶିଶୁ ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟଙ୍କା ମିଳିବ ବୋଲି କହି ମୋବାଇଲକୁ ଏକ ଓଟିପି ପଠାଇ ଓଟିପି ନମ୍ବର ମାଗିଥିଲେ। ତନଜ୍ଜୁମ ଓଟିପି ନମ୍ବର ଦେବା ପରେ ତାଙ୍କ ଆକାଉଣ୍ଟରୁ ପ୍ରଥମେ ୪୧ ହଜାର ଟଙ୍କା କଟି ଯାଇଥିଲା । ଏହାପରେ ଫୋନ ପେ ମାଧ୍ୟମରେ ୨୫ ହଜାର ଟଙ୍କା ପୁନର୍ବାର କଟି ଯାଇଥିଲା। ତନଜ୍ଜୁମ ସଙ୍ଗେ ସଙ୍ଗେ ସେହି ବ୍ୟକ୍ତିଙ୍କୁ ଟଙ୍କା କଣ ପାଇଁ କଟିଗଲା କହିବାରୁ ସେ ଫୋନ କାଟି ଦେଇ ସୁଇଚ ଅଫ୍ କରି ଦେଇଥିଲେ। ଆକାଉଣ୍ଟରୁ ଟଙ୍କା କଟିବା ପରେ ଏଥିପାଇଁ ଆଶା କର୍ମୀ ନିରୁପମାଙ୍କୁ ଦାୟୀ କରି ତନଜ୍ଜୁମ ଆଳି ଥାନାରେ ତାଙ୍କ ନାମରେ ଅଭିଯୋଗ କରିଛନ୍ତି। ଏ ନେଇ ଆଶାକର୍ମୀ ନିରୁପମାଙ୍କୁ ପଚାରିବାରୁ ସେ କହିଥିଲେ ଯେ ଯେହେତୁ ସେ ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଆଶାକର୍ମୀ ଭାବେ ଚାକିରୀ କରିଛନ୍ତି ତେଣୁ ଉକ୍ତ କଲରେ ତାଙ୍କୁ ଦିଲ୍ଲୀ ସ୍ୱାସ୍ଥ୍ୟବିଭାଗର ପରିଚୟ ଦେଇ ଉକ୍ତ ବ୍ୟକ୍ତି କଥା ହୋଇଛନ୍ତି ତେଣୁ ସେ ସମ୍ପୃକ୍ତ ପ୍ରସୂତି ମହିଳାଙ୍କ ନମ୍ବର ଦେଇଥିଲେ। ତାଙ୍କ ଆକାଉଣ୍ଟରୁ ଟଙ୍କା କଟିବା ଘଟଣା ସମ୍ପର୍କରେ ସେ ଜାଣିନାହାଁନ୍ତି। ତନଜ୍ଜୁମ ତାଙ୍କୁ ଟଙ୍କା କଟିବା ଘଟଣା କହିବାରୁ ସେ ଜାଣିଲେ। ଏହି ଘଟଣାରେ ପୋଲିସର ପ୍ରତିକ୍ରିୟା ମିଳିପାରିନି।

# ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ



ବ୍ଲକସ୍ତରୀୟ ଶିଶୁ ମହୋତ୍ସବରେ ମଞ୍ଚାସୀନ ଅତିଥି।

ରାଜନଗର,୧୮।୧୨(ଭାସ୍କର ରାଉତରାୟ)

ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ରାଜନଗର ବ୍ଲକ ଆନୁକୂଲ୍ୟରେ ଦିଘିସ୍ଥିତି ବୀଣାପାଣି ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୩୩ତମ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଷ୍ଟା ବ୍ଲକ ସଭାପତି ମାନସ ରଞ୍ଜନ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଈଶ୍ୱରପୁର ସରପଞ୍ଚ ସୁରେଖା ପ୍ରଧାନ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡା ଜିଲା ଓଷ୍ଟା ସମ୍ପାଦକ ଭଗବାନ ସାହୁ, ସମ୍ମାନୀୟ ଅତିଥି ଭାବେ ଜିଲା ଉପସଭାପତି ବିଚିତ୍ର କୁମାର ସାହୁ, ବୀଣାପାଣି ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କ୍ଷୀତିଶ କୁମାର ପାତ୍ର, ଓଷ୍ଟା ଜିଲା ଯୁଗ୍ମ ସମ୍ପାଦକ ଟିଂକିକାନ୍ତ ନାୟକ, ଅଲେଖ ଚନ୍ଦ୍ର ମହାନ୍ତି, ରାଜନଗର ବ୍ଲକ ନୋଡାଲ ପ୍ରଧାନଶିକ୍ଷକ ଶୁଭ୍ରଜ କୁମାର ବରାଳ, ପରିଚାଳନା କମିଟି ସଭାପତି ସସ୍ମିତା ଜେନା, ଯୁବ ସମାଜସେବୀ ବର୍ସ କୁମାର ବେହେରା, ପ୍ରାକ୍ତନ ବ୍ଲକ ସମ୍ପାଦକ ବିରଞ୍ଚି ପ୍ରସାଦ ଜେଠୀ, ପଞ୍ଚସଖା ଶିକ୍ଷାସେତୁ ସଭାପତି ଗୋଲେଖ ବିହାରୀ ନାୟକ, ଶରତ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ। ବ୍ଲକ ସମ୍ପାଦକ ସମୀରଣ ମଣ୍ଡଳ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ଜଗନ୍ନାଥ ମାଝି ସହଯୋଗ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ, ମୁଖ୍ୟବକ୍ତା ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ସମ୍ମାନୀୟ ଅତିଥି ଭାବେ ଈଶ୍ୱରପୁର ସମିତିସଭ୍ୟା ଶଶିକଳା ବେହେରା, ହୃଷିକେଶ ପ୍ରଧାନ, ସିଆରସିସି ପ୍ରଦୀପ କୁମାର ମଲିକ, ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି ଶୁଭ୍ରକାନ୍ତ ଭ୍ରମରରାୟ, ମଧୁସୂଦନ ଜେନା ପ୍ରମୁଖ ଯୋଗଦେଇ ଶିଶୁମାନଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ପାଇଁ ଶିକ୍ଷକ ସଂଘର ଏହିଭଳି ପ୍ରୟାସକୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ କ୍ଷୀରୋଦ କୁମାର ମଲିକ, ମହେଶ୍ୱର ରାଉତ, ସୀତାକାନ୍ତ ରାଉଳ, ସର୍ବେଶ୍ୱର ମହାନ୍ତି ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ଶିକ୍ଷକ ସରୋଜକାନ୍ତ ଆଚାର୍ଯ୍ୟ, ଶକ୍ତି ସଂରକ୍ଷଣ ପ୍ରକଳ୍ପ ପାଇଁ ରାଜ୍ୟରେ ପ୍ରଥମ ହୋଇଥିବା ହାତିନା ହାଇସ୍କୁଲର ଛାତ୍ରୀ ପ୍ରୀତିପ୍ରଜ୍ଞା ପାଢୀଙ୍କୁ ବ୍ଲକ ଓଷ୍ଟା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ୧୦ଟି ବର୍ଗରେ ୨୦ଟି ଉଚ୍ଚ ବିଦ୍ୟାଳୟରୁ ୨୧୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଚଳିତବର୍ଷ ନାଗାନାରାୟଣ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଚମ୍ପିୟାନ ଘୋଷିତ କରାଯାଇଥିଲା। ବରିଷ୍ଠ ଶିକ୍ଷୟିତ୍ରୀ ମହେଶ୍ୱତା ଶତପଥୀ ଧନ୍ୟବାଦ ଦେଇଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ, ପରିଚାଳନା କମିଟିର ସଭ୍ୟ ସଭ୍ୟା ଏବଂ ପୁରାତନ ଛାତ୍ର ଛାତ୍ରୀମାନେ ସହଯୋଗ କରିଥିଲେ।

# ଜୁଆଣିଆ ଗ୍ରାମରେ ଅଗ୍ନିକାଣ୍ଡ

ଆଳି,୧୮।୧୨(ବନମାଳୀ ସେନାପତି)

ମଙ୍ଗଳବାର ବିଳମ୍ବିତ ରାତିରେ ଆଳି ଥାନା ଅନ୍ତର୍ଗତ ଜୁଆଣିଆ ଗ୍ରାମରେ ଅଗ୍ନିକାଣ୍ଡ ଘଟି ୬ ବଖରା ସମ୍ପୂର୍ଣ୍ଣ ଜଳି ଯାଇଛି। ଏହି ଅଗ୍ନିକାଣ୍ଡରେ ଗ୍ରାମର ବାବାଜୀ ଜେନାଙ୍କ ୩ ବଖରା ଓ ରାଜକିଶୋର ଜେନାଙ୍କ ୩ ବଖରା ଘର ଜଳି ଯାଇଥିବା ବେଳେ ବାଙ୍କ ବିହାରୀ ଜେନାଙ୍କ ଘରେ ନିଆଁ ଲାଗିଥିଲା। ତେବେ ଗ୍ରାମବାସୀଙ୍କ ଉଦ୍ୟମରେ ସେହି ନିଆଁକୁ ଆୟତ କରାଯାଇଛି। ଗ୍ରାମବାସୀ ଓ ଆଳି ଦମକଳ ବାହିନୀରେ ଉଦ୍ୟମରେ ନିଆଁକୁ ଆୟତ କରାଯାଇଥିଲା। ଏହି ଅଗ୍ନିକାଣ୍ଡରେ ପିନ୍ଧା ବସ୍ତ୍ର ବ୍ୟତୀତ ଘରେ ଥିବା ସମସ୍ତ ଆସବାବପତ୍ର ଜଳି ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି ।

# ଡେରାବିଶ ମହାବିଦ୍ୟାଳୟର ୩ ଛାତ୍ରୀଙ୍କ କୃତିତ୍ୱ

ଡେରାବିଶ,୧୮।୧୨ (ବେବର୍ତ୍ତା ଅଜୟ ଦାସ)

**ଯୋଗ ପ୍ରତିଯୋଗିତା**

ଶନିବାର ଖୋର୍ଦ୍ଧାସ୍ଥିତ ପି.ଏନ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ଆନ୍ତଃକଲେଜ ଦଳଗତ ଯୋଗ ପ୍ରତିଯୋଗିତାରେ ଡେରାବିଶ ମହାବିଦ୍ୟାଳୟ ୩ ଛାତ୍ରୀ କୃତିତ୍ୱ ଅର୍ଜନ କରଛନ୍ତି। କଲେଜ କ୍ରୀଡା ଶିକ୍ଷକ ଶରତ ଚନ୍ଦ୍ର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଯୁକ୍ତ ୩ ଛାତ୍ରୀ ଶୁଭଶ୍ରୀ ସରିତା ରାଉତ, ସ୍ମିତିପ୍ରଜ୍ଞା ମହାନ୍ତି ଓ ସ୍ମିତି ମଲିକ କୃତିତ୍ୱ ଅର୍ଜନ କରିବା ସହ ଜାତୀୟସ୍ତରୀୟ ଯୋଗ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ଖବର ଜଣାପଡିବା ପରେ କଲେଜରେ ଖୁସିର ଲହରୀ ଖେଳିଯାଇଛି। ତିନି ଛାତ୍ରୀଙ୍କୁ ଡେରାବିଶ କଲେଜ ଅଧ୍ୟକ୍ଷ ଚନ୍ଦ୍ରଶେଖର ଦାସଙ୍କୁଅଭିନନ୍ଦନ ଜଣାଇଛନ୍ତି।

# ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଘାଟିତ





ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି।

**ଗୋପାଳନ ଗ୍ରାମାଞ୍ଚଳ ଅର୍ଥନୀତିକୁ ସୁଦୃଢ଼ କରିବ**

କେନ୍ଦ୍ରାପଡ଼ା,୧୮।୧୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡ଼ିଆ ପରିସରରେ ୨ ଦିନିଆ ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ବୁଧବାର ଉଦ୍‌ଘାଟିତ ହୋଇଛି। ଏହାକୁ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି, ମତ୍ସ୍ୟ ଓ ପ୍ରାଣୀସମ୍ପଦ ରାଜ୍ୟ କୃଷି ଅର୍ଥନୀତିକୁ ସମୃଦ୍ଧ କରିବା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରସ୍ତୁତି ଶେଷ କରିଛନ୍ତି। ଏହି କ୍ଷେତ୍ରରେ ନୂତନ ଜ୍ଞାନ କୌଶଳ ବ୍ୟବହାର ହେବ । ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ ହୋଇଛି । ଏହି ଯୋଜନାରେ ୫ ବର୍ଷରେ ୧୪୨୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବିନିଯୋଗ ହେବ । ଗୋ ଓ ମହିଷାଦି ପାଳନ ପାଇଁ ହେଉଥିବା ପ୍ରକଳ୍ପରେ ଚାଷୀଙ୍କୁ ୫୦ରୁ ୭୦ ପ୍ରତିଶତ ରିହାତି ବ୍ୟବସ୍ଥା ହୋଇଛି । ସେହିପରି ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନାରେ ୫ ବର୍ଷ ମଧ୍ୟରେ ୨୨୩୯ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି । ଏହାଦ୍ୱାରା ଗ୍ରାମାଞ୍ଚଳ ଅର୍ଥନୀତି ସୁଦୃଢ଼ ହୋଇପାରିବ ବୋଲି ମନ୍ତ୍ରୀ ମଲିକ କହିଛନ୍ତି।

ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନୀତ ଅତିଥି ଭାବେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବଚରଣ ସାହୁ, ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ଜିଲା ପରିଷଦ ସଭାପତି ଲିଲିତା ଦାସ, ଏଡିଏମ୍ ନିଲୁ ମହାପାତ୍ର, ଏମ୍‌ପିଙ୍କ ପ୍ରତିନିଧି ତଥା ଜିଲା ଭାଜପା ସଭାପତି କିଶୋର ଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ । ଅତିଥିମାନେ କେନ୍ଦ୍ରାପଡ଼ା ଜିଲାର କୃଷି ଅର୍ଥନୀତିରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ସମ୍ପର୍କରେ ମତ ରଖିଥିଲେ । ଏହି ଅବସରରେ ମତ୍ସ୍ୟ ଚାଷୀ ଓ ପ୍ରାଣୀ ସମ୍ପଦ ଚାଷୀ ୪ ଜଣଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

# ରାସ୍ତା କାମ ବନ୍ଦ କଲେ ଅଞ୍ଚଳବାସୀ

- ଝାଡ଼ମାଳ-ଆୟତନ ରାସ୍ତା କାମ ନିମ୍ନମାନର
- ବିନା ସୂଚନା ଫଳକରେ ଚାଲିଛି କାମ
- ଟେଣ୍ଡର, ଏଷ୍ଟିମେଟକୁ ଅଣଦେଖା

ରାଜକନିକା,୧୮।୧୨ (ସଞ୍ଜୟ କୁମାର ଦାଶ)

ପୂର୍ତ୍ତବିଭାଗ ଜେଇ ଓ ଠିକାଦାରଙ୍କ ଅସାଧୁ ମେଣ୍ଟ ଯୋଗୁ ନୂଆକରି ପୂର୍ତ୍ତ ବିଭାଗରେ ସାମିଲ ହୋଇଥିବା ଝାଡ଼ମାଳ–ଆୟତନ ରାସ୍ତା କାମ ନିମ୍ନମାନର ହେଉଛି । କାମ ସମ୍ପର୍କରେ ସର୍ବସାଧାରଣଙ୍କୁ କୌଣସି ସୂଚନା ନ ଦେଇ ବିନା ସୂଚନା ଫଳକରେ ଅନେକ କୋଟି ଟଙ୍କାର କାମ ଚାଲିଛି। କଂକ୍ରିଟ କାମରେ ନିମ୍ନମାନର ଧସା ବାଲି ସହ ଅଳ୍ପ ପରିମାଣର ସିମେଣ୍ଟ ଓ ଚିପସ୍ ବ୍ୟବହାର କରାଯାଇଥିବାରୁ ମାସ କେଇଟାରେ ରାସ୍ତାରେ ଗୋଡ଼ି ଉଠି ଗଲାଣି। କଂକ୍ରିଟ କାମକୁ ପରେ ଏବେ ଠିକାଦାର ପିଚୁ ରାସ୍ତା କାମ ଆରମ୍ଭ କରିଛନ୍ତି। ସେ ଏଷ୍ଟିମେଟ ଅନୁସାରେ ଆଦୌ କାମ କରୁ ନ ଥିବା ଅଭିଯୋଗ ହୋଇଛି । ପୂର୍ତ୍ତ ବିଭାଗର ଏହି ରାସ୍ତା ନିର୍ମାଣ ପାଇଁ କିଲୋମିଟର ପିଛା ୧କୋଟି ୨୦ ଲକ୍ଷ ଟଙ୍କା ମଞ୍ଜୁର ହୋଇ ରାସ୍ତା କାମ ଚାଲିଛି । ହେଲେ ଏତେ ବଡ଼ ପରିମାଣ ଅନୁଦାନରେ ପୂର୍ତ୍ତ ବିଭାଗର କାମ ଆରମ୍ଭ ହୋଇଥିଲେ ବି ସୂଚନା ଫଳକ ଲଗା ଯାଉନାହିଁ । ପୁନଶ୍ଚ ଠିକାଦାର ସ୍ଥାନୀୟ ଅଞ୍ଚଳର ହୋଇଥିବାରୁ କାମ ସମ୍ପର୍କରେ ପ୍ରତିବାଦ ହେଲେ ଜେଇ ଓ ଏସ୍‌ଡିଓଙ୍କୁ ଦ୍ୱାରା କାମ ଠିକ ହେଉଥିବା କହି କାମ ଆଗେଇ ନେଉଛନ୍ତି । ଏଭଳି ପରିସ୍ଥିତିରେ ଲୋକେ ଜିଲାପାଳଙ୍କଠାରେ ଗୁହାରୀ କରିଛନ୍ତି।

ସୂଚନାଯୋଗ୍ୟ, ଝାଡ଼ମାଳଠାରୁ ଆୟତନ ଯାଏ ଥିବା ଗ୍ରାମ୍ୟନିର୍ମାଣ ରାସ୍ତାକୁ ପରିବର୍ତ୍ତନ କରାଯାଇ ଏବେ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି । ବିଭାଗ ହସ୍ତାନ୍ତର ହେବା ପରେ ପୂର୍ତ୍ତ ବିଭାଗ ତା'ର ଡିଜାଇନ ଅନୁଯାୟୀ ଏହି ରାସ୍ତା ସମ୍ପ୍ରସାରଣ କରିବା କଥା । ମାତ୍ର ନିୟମ ଅନୁସାରେ ରାସ୍ତାର ଚଉଡା ୧୮ ଫୁଟ ହେବା ସହ ଉଭୟ ପାଖରେ ୩ ଫୁଟ ଅଧିକ ଓସାର ରହିବା କଥା । ମାତ୍ର ତିଆରି ହେଉଥିବା ରାସ୍ତାରେ ପୁରୁଣା ପିଚୁକୁ ଉଠାଇ ପୁରୁଣା ମେଟାଲ ସବୁକୁ ରାସ୍ତା ସାରା ଖେଳାଇ ତା'ଉପରେ ୩ ଇଞ୍ଚର ଡବ୍ଲ୍ୟୁଏମ୍ ବିଛା ହେବା କଥା । ହେଲେ ଠିକାଦାର ଆବଶ୍ୟକ ସାମଗ୍ରୀ ମିଶ୍ରଣ ନ କରି କାମ କରାଉଛନ୍ତି। ଜେଇ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁ ବଡ଼ ବଜେଟର ଏହି ରାସ୍ତାକୁ ଅତ୍ୟନ୍ତ ନିମ୍ନମାନର କରାଯାଉଛି । ଲୋକଙ୍କ ପ୍ରତିବାଦ ପରେ କାମର ମାନରେ କୌଣସି ପରିବର୍ତ୍ତନ କରାଯାଉନାହିଁ ବାରମ୍ବାର କାମର ମାନକୁ ଅତ୍ୟନ୍ତ ନିମ୍ନମାନର କରି ବିଭାଗୀୟ ଯନ୍ତ୍ରୀ ନିଜେ କାମକୁ ନିଜେ ଉତ୍ସାହିତ କରି ଜନ ସାଧାରଣଙ୍କୁ ଠିକଦାରଙ୍କ ସପକ୍ଷରେ ଯିବାକୁ ଭିତିରିଆ ଉଦ୍ୟମ ଚଲାଇଥିବା ଅଭିଯୋଗ ହୋଇଛି । କାମର ମାନରେ ପରିର୍ତ୍ତନ ନ କରି ଠିକାଦାର କାମକୁ ଆଗେଇ ନେବାକୁ ଉଦ୍ୟମ କରିବାରୁ ମଙ୍ଗଳବାର କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରି ଠିକ ମାନର କାମ କରିବାକୁ ନିବେଦନ କରିଛନ୍ତି । ଏଥିସହିତ ଗ୍ରାମବାସୀ କାମ ବନ୍ଦ କରିଛନ୍ତି ।

ଏ ସମ୍ପର୍କରେ ଆଳି ସେକ୍ସନର ଜେଇଙ୍କୁ ପଚାରିବାରେ ସେ ଏହାକୁ ଅସ୍ୱୀକାର କରିଛନ୍ତି। କାମର ସୂଚନା ଫଳକ ସମ୍ପର୍କରେ ପଚାରିବାରୁ ଆମେ ତାହା ଲଗାଇବୁ ବୋଲି କହିଛନ୍ତି। ତେବେ ପୂର୍ବକନିକା ଜନସାଧାରଣଙ୍କ ଲାଇଫ୍ ଲାଇନ କୁହାଯାଉଥିବା ଏହି ରାସ୍ତା କାମରେ ହେଉଥିବା ଅନିୟମିତତା ଦୂର କରି ପୂର୍ତ୍ତ ବିଭାଗ ଉଚ୍ଚପଦସ୍ଥ ଯନ୍ତ୍ରୀ, ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି।



ରାସ୍ତାରୁ ଗୋଡ଼ି ଉଠିଯାଇଛି।

## ସଂକ୍ଷେପରେ

### ଖଣ୍ଡପଡ଼ା ଦେଇ ଭୁବନେଶ୍ୱର-ବୌଦ୍ଧ ବସ ଚଳାଚଳ ବନ୍ଦକୁ ନେଇ ଅସନ୍ତୋଷ

ଖଣ୍ଡପଡ଼ା,୧୮।୧୨(ଅଜୟ କୁମାର ମହାରଣା)

ଭୁବନେଶ୍ୱରରୁ ଖଣ୍ଡପଡ଼ା ସହର, ଗଣିଆ ଓ ଦଶପଲ୍ଲା ଦେଇ ବୌଦ୍ଧ ସହରକୁ ଚଳାଚଳ କରୁଥିବା ଶୀତତାପ ନିୟନ୍ତ୍ରୀତ ବସ ଗତ ୭ ଦିନ ଧରି ଚଳାଚଳ କରୁନାହିଁ। ଫଳରେ ଏ ଅଞ୍ଚଳର ଯାତ୍ରୀମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ବସଟି ଭୁବନେଶ୍ୱରରୁ ଅପରାହ୍ଣ ୪ଟାରେ ବାହାରି ଖଣ୍ଡପଡା ସହରରେ ସନ୍ଧ୍ୟା ୭ଟାରେ ପହଞ୍ଚିବା ପରେ ବୌଦ୍ଧ ଅଭିମୁଖେ ଯାଉଥିଲା । ଫଳରେ ବିଭିନ୍ନ ସ୍ଥାନକୁ ସୁବିଧାରେ ଯାତ୍ରୀମାନେ ଯିବା ଆସିବା କରି ପାରୁଥିଲେ । ରାଜ୍ୟ ସଡ଼କ ପରିବହନ ନିଗମ ଏଥିପ୍ରତି ଦୃଷ୍ଟି ଦେଇ ପୁର୍ନବାର ଏହି ବସ ସେବା ଉପଲବ୍ଧ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ବରିଷ୍ଠ ଯନ୍ତ୍ରୀଙ୍କ ପରଲୋକ

ଖଣ୍ଡପଡ଼ା,୧୮।୧୨
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଉଠା ଜଳସେଚନ ବିଭାଗ ସେକ୍ସନରେ କାର୍ଯ୍ୟରତ ବରିଷ୍ଠ ଯନ୍ତ୍ରୀ ପ୍ରଦୀପ କୁମାର ବରାହ(୫୮)ଙ୍କ ମଙ୍ଗଳବାର ଦିବା ୨ଟା ସମୟରେ ପରଲୋକ ହୋଇଯାଇଛି । ଯନ୍ତ୍ରୀ ବରାହ୍ ଅଫିସରୁ କାମ ସାରି ନିକଟରେ ଥିବା ତାଙ୍କ ଭଡା ଘରକୁ ଯାଇଥିଲେ । ସେଠାରେ ତାଙ୍କର ମୃତ୍ୟୁ ହୋଇଛି । ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କ ମୃତଦେହ ରହିଛି । ବୁଧବାର ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି । ସ୍ୱର୍ଗତ ଯନ୍ତ୍ରୀଙ୍କ ଘର ସୁନ୍ଦରଗଡ଼ ଜିଲା ରାଉରକେଲା ଅଞ୍ଚଳରେ ବୋଲି ଜଣାପଡିଛି ।

### ଗାୟତ୍ରୀ ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡ଼ାଉତ୍ସବ

ଓଡ଼ଗାଁ,୧୮।୧୨
(ଆଦର୍ଶ କୁମାର ପଟ୍ଟନାୟକ )

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ମଶାବାରୀ ଗାୟତ୍ରୀ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ପନ୍ତୀଖାରି ଗ୍ରାମପଞ୍ଚାୟତ ସରପଞ୍ଚ ସୁଶ୍ରୀ ଶ୍ରାବଣୀ ବିଶ୍ୱାଳ ସମିତି ସଭ୍ୟ ବୁଲୁ ଜେନା ଏବଂ ରଙ୍ଗଣୀପାଟଣା ସରପଞ୍ଚ ସସ୍ମିତା ପାତ୍ର ପ୍ରମୁଖ ଯୋଗଦେଇ ଖେଳାଳୀଙ୍କ ଠାରୁ କ୍ରୀଡ଼ା ମଶାଲ ଗ୍ରହଣ କରିବା ପରେ କ୍ରୀଡ଼ା ପତାକା ଉତ୍ତୋଳନ କରାଯାଇଥିଲା । ଶିଶୁର ପୂର୍ଣ୍ଣାଙ୍ଗ ବିକାଶ ପାଇଁ କ୍ରୀଡ଼ା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ବୋଲି ଅତିଥିମାନେ କହିଥିଲେ । ୩ ଦିନ ଧରି ୩ ବର୍ଗରେ ବିଭିନ୍ନ ପ୍ରକାରର ଖେଳ ପ୍ରତିଯୋଗିତା ରହିଥିବା ବେଳେ ଶିଶୁ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ପାଇଁ କୌତୁକ ଖେଳର ବ୍ୟବସ୍ଥା ରହିଛି। ବିଦ୍ୟାମନ୍ଦିର ପ୍ରତିଷ୍ଠାତା କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଅଧ୍ୟକ୍ଷ ବୀରେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କ୍ରୀଡ଼ା ପରିଚାଳନାରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

### ଟାଙ୍ଗଣାପଲୀ ହାଇସ୍କୁଲର ବାର୍ଷିକ କ୍ରୀଡ଼ା

ଛତ୍ରପୁର,୧୮।୧୨
(ଦିଲ୍ଲୀପ ସାମଲ/ସନ୍ତୋଷ ପାଢ଼ୀ)

ଛତ୍ରପୁର ବ୍ଲକ ଅନ୍ତର୍ଗତ ଟାଙ୍ଗଣାପଲୀ ଶ୍ରୀନୀଳକଣ୍ଠେଶ୍ୱର ନୋଡାଲ ବିଦ୍ୟାପୀଠର ବାର୍ଷିକ କ୍ରୀଡା ଉତ୍ସବ ପ୍ରଧାନ ଶିକ୍ଷକ ବିଷ୍ଣୁ ପ୍ରସାଦ ତ୍ରିପାଠୀ ଅଧ୍ୟକ୍ଷତାରେ ଉଦ୍‌ଘାଟିତ ହୋଇଛି। ଉତ୍ସବରେ ବିଦ୍ୟାଳୟର ପ୍ରାକ୍ତନ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ସେବାନିବୃତ୍ତ ପ୍ରଧାନଶିକ୍ଷକ କାମରାଜୁ ମହାରଣା ମୁଖ୍ୟ ଅତିଥି ରୂପେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ଟାଙ୍ଗଣାପଲୀ ସରପଞ୍ଚ ବି.ସୁଦାମ ଯୋଗଦେଇ ବିଦ୍ୟାଳୟରେ ତାଙ୍କର ଛାତ୍ର ଅବସ୍ଥାର ସ୍ମୃତି ଚାରଣ କରି ବିଦ୍ୟାର୍ଥୀ ମାନେ ଖେଳ କସରତରେ ମନୋନିଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ଖେଳ ଶିକ୍ଷକ ନନ୍ଦିନୀ ସେଠୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷକ ଅଭିରାମ ସାହୁ, ବିଷ୍ଣୁ ପ୍ରିୟା ପାଢ଼ୀ, ସ୍ନେହାଶିଷ ମହାନ୍ତି, ଯୁଧିଷ୍ଠିର ବେହେରା, ଯମୁନା ରେଡ୍ଡି, ଭାଗିରଥି ମିଶ୍ର, ଉଷାରାଣୀ ମିଶ୍ର, ପର୍ଶୁରାମ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ପ୍ରାଥମିକ କୃଷି ସମବାୟ ସମିତି କର୍ମଚାରୀ ସଂଘର ଧାରଣା

ଛତ୍ରପୁର,୧୮।୧୨
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):


ଧାରଣା ଦିଆଯାଇଛି।

ପ୍ରାଥମିକ କୃଷି ସମବାୟ ସମିତି କର୍ମଚାରୀ ସଂଘ ପକ୍ଷରୁ ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଆସିକା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ବିଭିନ୍ନ ସମସ୍ୟା ସମାଧାନ କରୁ ନ ଥିବାରୁ ଏହି ଆନ୍ଦୋଳନ ଆରମ୍ଭ ହୋଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

କୃଷି ଋଣ ଲଗାଣ ମାଧ୍ୟମରେ କୃଷି ତଥା କୃଷକଙ୍କ ଆୟରେ ଅଭିବୃଦ୍ଧି ସକାଶେ କୃଷି ସମବାୟ ସମିତିଗୁଡିକ ଏକ ମାତ୍ର ବିକଳ୍ପ । ଏହି ଗୁରୁ ଦାୟିତ୍ୱ ଠିକ ଭାବରେ ନିର୍ବାହ କରିବା ପାଇଁ ସମିତଗୁଡିକରେ ଏମାନଙ୍କୁ ନିଯୁକ୍ତି କରାଯାଇଛି । ଗ୍ରାମାଞ୍ଚଳର ତୃଣମୂଳସ୍ତରରେ ଲୋକମାନଙ୍କର ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ ଉଦ୍ଦିଷ୍ଟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା/ କାର୍ଯ୍ୟକ୍ରମ ଯଥା- ବିନା ସୁଧରେ କୃଷି ଋଣ ଲଗାଣ, ବିହନ ଓ ରାସାୟନିକ ସାର ଯୋଗଣ, କୃଷି ଯନ୍ତ୍ରପାତି ଯୋଗାଣ, କୃଷକମାନଙ୍କୁ ଫସଲକୁ ପ୍ରଧାନମନ୍ତ୍ରୀ ଫସଲ ବୀମାଭୁକ୍ତ କରିବା ଏବଂ ମିଶନ ଶକ୍ତି ଯୋଜନାରେ ମହିଳାମାନଙ୍କୁ ବିନା ସୁଧରେ ଋଣ ପ୍ରଦାନ ସହିତ କୃଷକମାନଙ୍କର କୃଷି ଉତ୍ପାଦିତ ସାମଗ୍ରୀ ସରକାରଙ୍କ ନିର୍ଦ୍ଧାରିତ ସହାୟକ ମୂଲ୍ୟରେ ବିକ୍ରିବଟା ସମସ୍ତ କାର୍ଯ୍ୟ କମ୍ପୁଟର ମାଧ୍ୟମରେ ସୁଚାରୁରୂପେ ସମିତି କର୍ମଚାରୀମାନେ ସମ୍ପାଦନ କରୁଛନ୍ତି। କେନ୍ଦ୍ର ସମବାୟ ବ୍ୟାଙ୍କଗୁଡିକ ସମିତିଗୁଡିକ କୃଷକମାନଙ୍କୁ ତତ୍କାଳ ସୁଧ ରିହାତି ତଥା ବିନା ସୁଧରେ ଋଣ ପ୍ରଦାନ ବେଳେ ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ ସମିତି ଠାରୁ ସୁଧ ଶୋଷଣ କରୁଥିବା ଅଭିଯୋଗ ହୋଇଛି। ସମିତିର ପ୍ରାପ୍ୟଗୁଡିକ ପ୍ରଦାନରେ ଅହେତୁକ ବିଳମ୍ବ ବ୍ୟାଙ୍କ ପକ୍ଷରୁ କରାଯାଉଛି । ଏପରିକି କର୍ମଚାରୀଙ୍କ ଦରମା ପ୍ରଦାନରେ ମଧ୍ୟ ବ୍ୟାଙ୍କ ବାଧକ ସାଜୁଛି। ସମିତିର କର୍ମଚାରୀମାନଙ୍କୁ ପଦୋନ୍ନତି ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି। ସମିତିର ସମ୍ବଳକୁ (ଅଂଶଧନ ଏବଂ ସୁଧ ସହାୟତା) ବ୍ୟାଙ୍କ ନିଜ ଇଚ୍ଛା ମୁତାବକ କାର୍ଯ୍ୟ କରୁଥିବା ସଂଘ ପକ୍ଷରୁ ଅଭିଯୋଗ ହୋଇଛି । ଆସନ୍ତା ୨୩ରୁ ଧାନ କିଣା ପ୍ରକ୍ରିୟା ଆରମ୍ଭ ହେବ ଏହି ଆନ୍ଦୋଳନ ଦ୍ୱାରା କୃଷି ଓ କୃଷକର ଯେଉଁ କ୍ଷତି ହେବ ସେଥିପାଇଁ ବିଭାଗୀୟ ଅଧିକାରୀ ଦାୟୀ ରହିବେ ବୋଲି କୁହାଯାଇଛି । ଧାରଣାରେ କର୍ମଚାରୀ ସଂଘର ସଭାପତି ଶିବରାମ ମହାକୁଡ, କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ସ୍ୱାଇଁ, ସାଧାରଣ ସଂପାଦକ- ପ୍ରତାପ ଚନ୍ଦ୍ର ପାତ୍ର, ଯୁଗ୍ମ ସମ୍ପାଦକ କାହ୍ନୁଚରଣ ସ୍ୱାଇଁ, କୋଷାଧ୍ୟକ୍ଷ ଓ ସତ୍ୟନାରାୟଣ ରେଡ୍ଡି, ଅରୁଣ ବେହେଲା, କୃଷ୍ଣ ଚନ୍ଦ୍ର ଗୌଡ, ସୁଧାଂଶୁ ବିଷୋୟୀ, ସୋମନାଥ ମଲ୍ଲିକ, ରଞ୍ଜନ କୁମାର ବିଷୋୟୀ, ପ୍ରକାଶ ବାରିକ, ସୀମାଞ୍ଚଳ ସାହୁ ଓ ପ୍ରଭାକର ମହାରଣା ପ୍ରମୁଖ ସଂଘର ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହିଥିଲେ ।

## ଗଜପତିରୁ ପୋଷ୍ୟ ସନ୍ତାନ ଗ୍ରହଣ କଲେ କୋରାପୁଟର ଦମ୍ପତି



ପାରଳାଖେମୁଣ୍ଡି,୧୮।୧୨(ଗିରିଧାରୀ ପରିଛା):

ଜିଲାରୁ ୬୩ତମ ଶିଶୁଙ୍କୁ ଜିଲାପାଳ ବିଜୟ କୁମାର ଦାଶ ପୋଷ୍ୟ ସନ୍ତାନ ଭାବେ କୋରାପୁଟର ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ସୂଚନାଯୋଗ୍ୟ, ପିତୃମାତୃହୀନ ଏହି ଶିଶୁକନ୍ୟାଟିକୁ, ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ କ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ନିଶାନ ଶାଲୋମ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରଠାରେ ରଖି ଯତ୍ନ ଓ ସୁରକ୍ଷା ପ୍ରଦାନ କରିଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ଶିଶୁ ମଙ୍ଗଳ ସମିତି ଶିଶୁଟିକୁ ଆଇନତଃ ମୁକ୍ତ ଭାବେ ଘୋଷଣା କରିଥିଲେ। ଏହାପରେ ଶିଶୁଟିର ତଥ୍ୟ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ପୋର୍ଟାଲରେ ଅପଲୋଡ଼ କରାଯାଇଥିଲା। ଯାହାଦ୍ୱାରା ଶିଶୁଟି ପୋଷ୍ୟ ସନ୍ତାନ ଭାବେ ଯେକୌଣସି ଦମ୍ପତିଙ୍କ ପାଖକୁ ଯାଇପାରିବ। ତାହା ସମସ୍ତଙ୍କୁ ପୋର୍ଟାଲ ମାଧ୍ୟମରେ ଜଣାଇ ଦିଆଯାଇଥିଲା। ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ପ୍ରାୟ ୩ ବର୍ଷ ଧରି ଅନ୍‌ଲାଇନ ମାଧ୍ୟମରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ଉକ୍ତ ଦମ୍ପତିଙ୍କୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ। ଉପରୋକ୍ତ ଦମ୍ପତି ଶାରିରୀକସ୍ତରରେ ଶିଶୁଟିକୁ ପସନ୍ଦ କରି ନେବାପାଇଁ ସ୍ଥିର କରିଥିଲେ। ଆବଶ୍ୟକ ହେଉଥିବା ଦସ୍ତାବିଜ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଏବଂ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ପ୍ରସ୍ତୁତ କରିଥିଲେ। ସମସ୍ତ ଦସ୍ତାବିଜକୁ ଜିଲାପାଳ ଯାଞ୍ଚ କରିବା ପରେ ବୁଧବାର ଶିଶୁଟିକୁ ଉକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରିଥିଲେ। ଶିଶୁଟିର ବୟସ ୩ ମାସ ଏବଂ କନ୍ୟା ଶିଶୁ ହୋଇଥିବା ବେଳେ ତାକୁ ପାଇ ଉକ୍ତ ଦମ୍ପତି ଖୁସି ଅଛନ୍ତି।

### ଅଙ୍ଗନୱାଡି କର୍ମୀଙ୍କୁ ଗ୍ରାମବାସୀଙ୍କ ବିରୋଧ ଘଟଣା

## ସମାଧାନ କରି ନ ପାରି ଫେରିଗଲେ ବିଡିଓ

ଖଜୁରିପଡ଼ା,୧୮।୧୨(ବିଦୁର ବେହେରା)



ଖଜୁରିପଡ଼ା ବ୍ଲକ ଆଡାସିପଡା ପଞ୍ଚାୟତ ପାଣ୍ଡରାବାଡି ଅଙ୍ଗନୱାଡ଼ି କେନ୍ଦ୍ରରେ କର୍ମୀ ନିଯୁକ୍ତିରେ ଅନିୟମିତତା ହୋଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରି ବ୍ଲକ ଓ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। କୌଣସି ସୁଫଳ ନ ମିଳିବାରୁ ଉଚ୍ଚ ନ୍ୟାୟାଳୟଙ୍କ ଆଶ୍ରୟ ନେଇଛନ୍ତି । ମାମଲା ବିଚାରାଧିନ ଥିବା ବେଳେ ତତ୍କାଳୀନ ସିଡ଼ିପିଓ ଚଞ୍ଚଳତା କରି ଅଙ୍ଗନୱାଡି କର୍ମୀ ନିଯୁକ୍ତ କରିଥିବାରୁ ଗ୍ରାମବାସୀ ବିରୋଧ କରି ଅନିର୍ଦ୍ଦିଷ୍ଟ କାଳ ପାଇଁ କେନ୍ଦ୍ରରେ ତାଲା ପକାଇ ରଖିଛନ୍ତି । ଏହି ଘଟଣାର ସମାଧାନ ନିମନ୍ତେ ବୁଧବାର ବ୍ଲକ ପ୍ରଶାସନ ଏବଂ ପାଣ୍ଡରାବାଡ଼ି ଗ୍ରାମବାସୀଙ୍କ ମଧ୍ୟରେ ଗାଁରେ ଏକ ବୈଠକ ହୋଇଥିଲା । ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅନୁସାରେ ଅଙ୍ଗନୱାଡି କର୍ମୀ ନିଯୁକ୍ତି କରାଯାଇଛି । ତେଣୁ କେନ୍ଦ୍ର ଖୋଲି ଚଳାଇବାକୁ ବ୍ଲକ ପ୍ରଶାସନ ତରଫରୁ ବିଡ଼ିଓ ସୌମ୍ୟ ରଞ୍ଜନ ପାତ୍ର, ଥାନା ଅଧିକାରୀ ଚାପ ଧାରୀ ପ୍ରଧାନ,ଅତିରିକ୍ତ ତହସିଲଦାର ବ୍ରହ୍ମା ନନ୍ଦ ଥାଟି, ସିଡ଼ିପିଓ କ୍ରୀଷ୍ଣା କୁମାରୀ ବେହେରା,ସହକାରୀ ଯନ୍ତ୍ରୀ ସୁଭସ୍ମିତା ନାଥ,ରାଜସ୍ୱ ନୀରିକ୍ଷକ ଅଧିକାରୀ ସବିତା ନାୟକ ପ୍ରମୁ ଗ୍ରାମବାସୀଙ୍କୁ ବୁଝାଇଥିଲେ । ହେଲେ ଗ୍ରାମବାସୀ କିଛି ବୁଝିବାକୁ ନାରାଜ ହେବାରୁ ବ୍ଲକ ପ୍ରଶାସନ ହଟହଟା ହୋଇ ଫେରିଛି।

ପ୍ରକାଶ ଯେ, ପାଣ୍ଡରାବାଡ଼ି ଗ୍ରାମବାସୀ ବାରମ୍ବାର ସରକାରଙ୍କୁ ଅନୁରୋଧ କରିବା ପରେ ୨୦୨୧ରେ ମିନି ଅଙ୍ଗନୱାଡି କେନ୍ଦ୍ର ସ୍ଥାପନ ହେଲା। ଯେଉଁ ପର୍ଯ୍ୟନ୍ତ ସରକାରଙ୍କ ତରଫରୁ ଘର ମଞ୍ଜୁର ହୋଇ ନିର୍ମାଣ ହୋଇ ନାହିଁ ସେ ପର୍ଯ୍ୟନ୍ତ ଗାଁରେ ଥିବା ଆମ ଗାଁ ଆମ ବିକାଶର ଯୁବକ ସଂଘ ଘରେ ଅସ୍ଥାୟୀ ଭାବେ ଅଙ୍ଗନୱାଡି କେନ୍ଦ୍ର ଚାଲୁ କରିବା ପାଇଁ ନିଷ୍ପତି ନିଆଗଲା। ଅଙ୍ଗନୱାଡି କର୍ମୀ ନିଯୁକ୍ତି କରିବା ପାଇଁ ଶିଶୁ ବିକାଶ ଯୋଜନା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ୧୧ ଜଣ ପ୍ରାର୍ଥୀ ଆବେଦନ କରିଥିଲେ। ହେଲେ ସରକାରୀ ବିଜ୍ଞାପନକୁ ଅବମାନନା କରି ଅଙ୍ଗନୱାଡି କର୍ମୀ ନିଯୁକ୍ତି ହେବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଯେ ପର୍ଯ୍ୟନ୍ତ ସରକାର ଦାବି ପୁନଃ ବିଚାର କରି ଅଙ୍ଗନୱାଡି କର୍ମୀ ସଠିକ ଭାବେ ନିଯୁକ୍ତି କରି ନାହାନ୍ତି ସେ ପର୍ଯ୍ୟନ୍ତ କେନ୍ଦ୍ର ବନ୍ଦ ରହିବ ବୋଲି ୱାର୍ଡ ମେମ୍ବର ପ୍ରଶାନ୍ତ ସାହାଣୀ କହିଛନ୍ତି ।

### ଚାଷୀ ସଚେତନତା ଶିବିର

ବୁଗୁଡା,୧୮।୧୨(କାଳିଚରଣ ଦାଶ)

ବୁଗୁଡା ବ୍ଲକ ଅନ୍ତର୍ଗତ ଏ କରଡାବାଡି ସେବା ସମବାୟ ସମିତି କାର୍ଯ୍ୟାଳୟରେ ଏଫ୍‌ଏକ୍ୟୁ ଧାନ ଯୋଗାଣ ସମ୍ପର୍କିତ ଏକ ଚାଷୀ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏ କରଡାବାଡି ସେବା ସମବାୟ ସମିତିର ସଭାପତିଭାଗ୍ୟବତୀ ଗୌଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଶିବିରରେ ଉପ ସଭାପତି ମନୋଜ କୁମାର ପରିଡା, ଏ କରଡାବାଡି ସରପଞ୍ଚ ରିଙ୍କିଦାଶ ଓ ସମିତି ସଭ୍ୟା ଶିବାନୀ ନାୟକ, ପୋଚାଲୁଣ୍ଡି ସରପଞ୍ଚ ସୁଜାତା କୁମାରୀ ପ୍ରଧାନ ଓ ସମିତି ସଭ୍ୟ କାହ୍ନୁଚରଣ ସେଠୀ, ଏମ୍‌ଆଇ ଚମ୍ପାଇ ମାରାଣ୍ଡି, ଆରଏମ୍‌ସି ଭଞ୍ଜନଗର ଅଧିକାରୀ କାଳିଆ ବିଷୋୟୀ ପ୍ରମୁଖ ଯୋଗଦେଇ ଏଫ୍‌ଏକ୍ୟୁ ଧାନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିବା ସହ ମଣ୍ଡିରେ କେବଳ ପଞ୍ଜୀକୃତ ଚାଷୀମାନେ ପ୍ରଶାସନ ନିର୍ଦ୍ଧାରିତ ଉତ୍ତମ ମାନ ଓ ଗୁଣର ଧାନ ପହଞ୍ଚାଇବା ସମ୍ପର୍କରେ ଚାଷୀମାନଙ୍କୁ ସଚେତନ କରାଇଥିଲେ।

### କଲେଜ ଛାତ୍ରୀ ନିଖୋଜ

କଟକ,୧୮।୧୨ (କାର୍ତ୍ତିକ ସାହୁ)

ପୁରୀଘାଟ ଥାନା ଅଞ୍ଚଳରେ ଥିବା ଏକ ମହିଳା କଲେଜର ଜଣେ ଛାତ୍ରୀ ଗତ ୧୩ ତାରିଖରୁ ନିଖୋଜ ହୋଇଯାଇଛନ୍ତି। ପାଠ ପଢ଼ିବା ପାଇଁ ଛାତ୍ରୀ ଜଣଙ୍କ ଯାଇ ଆଉ ଘରକୁ ଫେରି ନାହାନ୍ତି। ଫଳରେ ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ନ ପାଇବାରୁ ଏ ସମ୍ପର୍କରେ ପୁରୀଘାଟ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ତଦନ୍ତ ଆରମ୍ଭ କରିଥିବା ଆଇଆଇସି ଯତୀନ୍ଦ୍ର ନାଥ ସେଠୀ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଯୁକ୍ତଦୁଇ ପ୍ରଥମ ବର୍ଷରେ ପାଠ ପଢୁଥିବା ନୟାଗଡ଼ ଜିଲା ଗଣିଆ ଅଞ୍ଚଳର ୧୬ ବର୍ଷୀୟା ଛାତ୍ରୀ ପୁରୀଘାଟ ଥାନା ଅନ୍ତର୍ଗତ ନିମସାହିରେ ରହୁଥିଲେ। ଗତ ୧୩ ତାରିଖ ସକାଳ ୯ଟାରୁ ସେ ବସାଘରୁ ବାହାରି କଲେଜ ଯାଇଥିଲେ। ମାତ୍ର ସେ ଆଉ ଘରକୁ ଫେରି ନ ଥିଲେ। କଲେଜ ଯିବା ପୂର୍ବରୁ ସେ ତାଙ୍କର ଜଣେ ବାନ୍ଧବୀଙ୍କ ସହିତ ଫୋନ୍‌ରେ କଥା ହୋଇଥିବା ପରିବାର ଲୋକେ ଜାଣିବାକୁ ପାଇଛନ୍ତି। ମାତ୍ର ତା'ପରେ ସେ କୁଆଡ଼େ ଗଲେ, କେଉଁଠି ରହିଲେ ସେନେଇ ପରିବାର ଲୋକେ କିଛି ଜାଣି ପାରୁନାହାନ୍ତି।

## ତ୍ରିବେଣୀ ଆଶ୍ରମରେ ମହୋତ୍ସବ



ମହୋତ୍ସବରେ ଉପସ୍ଥିତ ସାଧୁସନ୍ଥ।

ବେଲଗୁଣ୍ଠା,୧୮।୧୨(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ସ୍ୱାମୀ ସନାତନ ବନ ବା ଜଣାଶୁଣା ଲଡୁ ବାବାଙ୍କ ଅପ୍ରକଟ ଲୀଳା ସମ୍ବରଣର ତ୍ରୟୋଦଶ ତିଥିରେ ବୁଧବାର ତ୍ରିବେଣୀ ଆଶ୍ରମ, ମାଧବରିଡା ମଠାଧୀଶ ସ୍ୱାମୀ ଚିଦାନନ୍ଦ ସ୍ୱାମୀଙ୍କ ତତ୍ତ୍ୱାବଧାନରେ ଆଶ୍ରମରେ ସାଧୁ, ସନ୍ଥଙ୍କ ଓ ଭକ୍ତଙ୍କ ଗହଣରେ ମହୋତ୍ସବ ପାଳନ କରାଯାଇଛି। ଜ୍ଞାତି କୁଟୁମ୍ବଙ୍କ ଉପସ୍ଥିତିରେ ଦେଶ ବିଦେଶରୁ ଆସିଥିବା ସ୍ୱାମୀ ସନାତନ ବନଙ୍କ ଅନେକ ଶିଷ୍ୟା ଶିଷ୍ୟ ଏଥିରେ ଯୋଗଦେଇ ଗୀତା ଯଜ୍ଞ, ନାମଯଜ୍ଞ, ଅନ୍ନଯଜ୍ଞରେ ଅଂଶ ଗ୍ରହଣ କରିଥିଲେ। ମଠର ସନ୍ନ୍ୟାସୀ ମଦନ ବାବା, କୀର୍ତ୍ତନ ବାବା ଓ ଲଣ୍ଡନରୁ ଆସିଥିବା ଶିଷ୍ୟ ଅନ୍ନପୂର୍ଣ୍ଣା, ଗୋବିନ୍ଦ ରାମ, ସୁଭଦ୍ରା ଦେବୀ, ମଧୁସ୍ମିତା ଦେବୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରେସ୍ପେଣ୍ଟ ଟ୍ରଷ୍ଟ ଅଧ୍ୟକ୍ଷ ସ୍ୱସ୍ତି ସୁନ୍ଦର ସିଂ ସଂଯୋଜନା କରିଥିଲେ।

## ଜଙ୍ଗଲ ଛାଡ଼ି ଗାଁ ଲୋକଙ୍କ ସହ ରହୁଛି ମୟୂର



ଦାରିଙ୍ଗବାଡ଼ି,୧୮।୧୨ (ଅରୁଣ ସାହୁ)

ଜଙ୍ଗଲରେ ରହୁଥିବା ପ୍ରାଣୀ ମଧ୍ୟ ମଣିଷକୁ ଭଲ ପାଏ। ଏଭଳି ପରିସ୍ଥିତି ହୁଏ କି ନିଜ ଜଙ୍ଗଲ ଛାଡ଼ି ଗାଁ ବସତିକୁ ଚାଲିଆସେ। ଆଉ ଲୋକଙ୍କ ଗହଣରେ ରହିବାକୁ ପସନ୍ଦ କରେ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଦାରିଙ୍ଗବାଡ଼ି ବନାଞ୍ଚଳ ଗବାଟବାଡ଼ି ଗ୍ରାମରେ ପିଲାଟି ଦିନରୁ ଜଙ୍ଗଲରୁ ଚାଲି ଆସିଛି ଜନ ବସତି ଆଡ଼କୁ ଆଉ ଲୋକଙ୍କ ଗହଳି ମଧ୍ୟରେ ଦିନ ତମାମ ରହିବା ସହ ଗାଁରେ ଚରିବୁଲି ଖାଇଥାଏ। ଲୋକମାନେ କିଛି ଖାଦ୍ୟ ଦେଲେ ଖାଇଥାଏ ଆଉ ଗାଁମୁଣ୍ଡରେ ଏକ ବିରାଟ କାୟ ଗଛ ଉପରେ ଶୋଇଥାଏ। ନିଜକୁ ବିପଦ ମଣିଲେ ସେ ସିଧା ଉକ୍ତ ଗଛକୁ ଉଡ଼ି ଚାଲିଯାଏ। ଗାଁର ଛୋଟ ଶିଶୁଙ୍କ ସହ ଖେଳିବା ଓ ବୁଲିବାକୁ ଅଧିକା ପସନ୍ଦ କରିଥାଏ। ଗାଁ ମୁଣ୍ଡରେ ଭିଡ଼ ଦେଖିଲେ ସେଠାକୁ ଚାଲିଆସେ ଓ ଲୋକଙ୍କ ନିକଟରେ ରହିଥାଏ। ଯାହାକୁ ସେ ଜାଣିଥାଏ ନିର୍ଭୟରେ ତାଙ୍କ ନିକଟକୁ ଚାଲିଆସିଥାଏ। ଯଦି କେହି ସେହି ମୟୂର ନିକଟରେ କିଛି ସମୟ ଅଟକି ଯାଏ ତେବେ ସେ ବ୍ୟକ୍ତି ଜଣଙ୍କ ଗାଁ ଛାଡ଼ିବା ବେଳେ କିଛି ବାଟ ତାଙ୍କ ପଛରେ ଦୌଡ଼ି ଆସେ। ତାର ଶେଷ ସିମା ପହଞ୍ଚିଲେ ସେଠାରୁ ପୁଣି ଗାଁ ମୁହଁକୁ ଚାଲିଯାଏ। ସ୍ଥାନୀୟ ଲୋକ କୁହନ୍ତି ପ୍ରାୟ ମୟୂରଟି ଆଉ ଜଙ୍ଗଲ ମୁହାଁ ହେଉନି ସେ ଲୋକଙ୍କ ଗହଣ ଓ ଭିଡ଼ ଭିତରେ ରହିବାକୁ ପସନ୍ଦ କରୁଛି। ଯେଉଁ ଗାଁଟିରେ ମୟୂରଟି ବୁଲୁଛି ସେହି ଗାଁକୁ ଲାଗିକି ପାହାଡ଼, ଜଙ୍ଗଲ ରହିଥିବାରୁ ବୋଧେ ସେ ଜଙ୍ଗଲ ଭଳି ଭାବି ଅଟକି ଯାଇଥିବା କୁହାଯାଉଛି। ଏଭଳି ଦୀର୍ଘ ଦିନ ହେଲା ମୟୂରଟି ବୁଲୁଥିବା କୁହାଯାଉଛି। ସୂଚନାଯୋଗ୍ୟ ପୂର୍ବରୁ ଉକ୍ତ ଅଞ୍ଚଳରେ ପ୍ରବଳ ମୟୂର ରହିଥିବା ବେଳେ ଏବେ ସଂଖ୍ୟା ବହୁତ କମିଯାଇଛି।

## କୃଷକ ରତ୍ନ ବାଉରୀବନ୍ଧୁଙ୍କୁ ସମ୍ବର୍ଦ୍ଧିତ କଲେ ଲତିକା

କବିସୂର୍ଯ୍ୟନଗର,୧୮।୧୨ ( କୃପାସିନ୍ଧୁ ସ୍ୱାଇଁ)



ଭୁବନେଶ୍ୱର ସୋଆ ପରିଚାଳିତ ଇନ୍‌ସ୍‌ଟିଚ୍ୟୁଟ ଅଫ ଏଗ୍ରିକଲଚର ସାଇନ୍‌ସ କନଭେସନ ହଲରେ ଚାଷୀ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଓ ସଭାପତିତ୍ୱ କରିଥିଲେ ସୋଆର ପ୍ରତିଷ୍ଠାତା ପ୍ରଫେସର ଡ଼.ମନୋରଞ୍ଜନ ନାୟକ। ମୁଖ୍ୟବକ୍ତା ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, ସମ୍ମାନିତ ଅତିଥି ଗୋପାଳକୃଷ୍ଣ ମହାପାତ୍ର, ହିମାଂଶୁ ହୋତା, ସୁନୀଲ ଦାସ ଓ ଅନ୍ୟାନ୍ୟ ୨୬ ଜଣ ଚାଷୀଙ୍କୁ କୃଷକ ରତ୍ନ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଗଞ୍ଜାମ ଜିଲାରୁ ସ୍ଥାନ ପାଇଥିଲେ କବିସୂର୍ଯ୍ୟନଗର ବକ୍ସି ଜଗବନ୍ଧୁ ରୋଡ଼ର ଜୈବିକ ଚାଷୀ ବାଉରୀବନ୍ଧୁ ସ୍ୱାଇଁ ଜଣେ ସଫଳ ଜୈବିକ ଚାଷୀ ଭାବେ ଓଡ଼ିଶାରେ ତାଙ୍କରି ସୁନାମ ରହିଛି। ସେ ଗୋଲାପ ଫୁଲ, ଗେଣ୍ଡୁ ଫୁଲ ସମେତ କଳାଧାନ, ମୁଗ, ବିରି ଆଦି ଫସଲ ଜୈବିକ ଉପାୟରେ ଚାଷ କରି ବେଶ ଖ୍ୟାତି ଅର୍ଜନ କରିଛନ୍ତି। ତାଙ୍କୁ ମାନପତ୍ର, ସିଲ, ୧୦ ହଜାର ଚେକ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ବୁଧବାର କବିସୂର୍ଯ୍ୟନଗର ପ୍ରାକ୍ତନ ବିଧାୟିକା ଲତିକା ପ୍ରଧାନ ତାଙ୍କୁ ନିଜ ବାସଭବନରେ ଶୁଭେଚ୍ଛା ଜଣାଇବା ସହ ଚାଷୀର ଉନ୍ନତି ପାଇଁ ସମସ୍ତ ପ୍ରକାର ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କବିସୂର୍ଯ୍ୟନଗର ନଗର ବିଜେଡ଼ି ସଭାପତି ଭଗବାନ ସ୍ୱାଇଁ, ଜିଲ୍ଲା ଯୁବ ବିଜେଡ଼ି ସମ୍ପାଦକ ସୂର୍ଯ୍ୟନାରାୟଣ ନାୟକ ଓ ଯଟେଶ୍ୱର ପଲତା ଉପସ୍ଥିତ ଥିଲେ।

## ପୂର୍ତ୍ତ ବିଭାଗ ରାସ୍ତା କାମ ଅଧାପନ୍ତରିଆ



ପାରଳାଖେମୁଣ୍ଡି,୧୮।୧୨(ଗିରିଧାରୀ ପରିଛା): ରାସ୍ତା ନିର୍ମାଣ ନାଁରେ ପ୍ରାୟ ଏକ ମାସ ହେଲା ପ୍ରାୟ ୧ କି.ମି.ର ପୁରୁଣା ରାସ୍ତାକୁ ଖୋଳି ଦିଆଯାଇଛି। ହେଲେ ପୂର୍ତ୍ତ ବିଭାଗ କାମ ଆରମ୍ଭ କରିନାହିଁ। ଫଳରେ ଉକ୍ତ ରାସ୍ତାରେ ଯାନବାହାନ ଯାତାୟତ କଲାବେଳେ ମେଟାଲ ଛିଟିକି ଲୋକଙ୍କ ଦେହରେ ବାଜି ଆହତ ହେଉଛନ୍ତି। ସେହିପରି ରାସ୍ତାରେ ପାଣି ପକା ନ ଯାଉଥିବାରୁ ଧୂଳିଧୂସର ହୋଇପଡୁଛି ସମଗ୍ର ଅଞ୍ଚଳ। ଲୋକେ ଉକ୍ତ ୧ କିଲୋମିଟର ରାସ୍ତା ଯିବା ପାଇଁ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗଜପତି ଜିଲା ଗୋଷାଣି ବ୍ଲକ ଅନ୍ତର୍ଗତ ଗୁରାଣ୍ଡି ଗ୍ରାମରେ ଏଭଳି ଦେଖିବାକୁ ମିଳିଛି। ଉକ୍ତ ରାସ୍ତା ଦେଇ ଯାଉଥିବା ବସଗୁଡିକର ମାଲିକମାନେ କହିଛନ୍ତି ଯେ, ମେଟାଲ ଗୁଡିକ ବିକ୍ଷିପ୍ତ ହୋଇପଡିଥିବା ଯୋଗୁଁ ଭାରୀଯାନ ଗଲାବେଳେ କୌଣସି ଏକ ମେଟାଲ ଖଣ୍ଡ ଟ୍ରକ ଓ ବସର ଯନ୍ତ୍ରାଂଶରେ ବାଜି ଯାଉଥିବା ଯୋଗୁଁ ଗାଡି ଖରାପ ହୋଇ ରାସ୍ତା ମଝିରେ ରହିଯାଉଛି। ଏହା ଏକ ମୁଖ୍ୟ ରାସ୍ତା ହୋଇଥିବା ଯୋଗୁଁ ପାରଳାଖେମୁଣ୍ଡି, ଗାରାବନ୍ଧ ଆଦି ସ୍ଥାନକୁ ଯାତାୟତ କରିବାରେ ସମସ୍ୟା ଉପୁଜିଛି। ଗୁରାଣ୍ଡି ଗ୍ରାମରୁ ପାରଳାଖେମୁଣ୍ଡି କୁ କେତେକ ବସ ଫେରିଯାଉଥିବା ବେଳେ କେତେକ ବସ ଗୁରାଣ୍ଡିରୁ ଗୋଷାଣି ଗ୍ରାମକୁ ଫେରିଯାଉଛି,ଯାହା ଫଳରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ରାସ୍ତା ମରାମତି କାମ ଆରମ୍ଭ ନ ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଞ୍ଚଳବାସୀଙ୍କ ପକ୍ଷରୁ ଆନ୍ଦୋଳନ ହେବ।

## କର୍ମଚାରୀ, ଭିଏସ୍‌ଏସ୍ ପାଇଁ ଘୁମୁସର ବନଖଣ୍ଡ ସୁରକ୍ଷିତ

ଭଞ୍ଜନଗର,୧୮।୧୨(ବାବୁଲା ପ୍ରଧାନ):

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ପକ୍ଷରୁ ସ୍ଥାନୀୟ ଲାଲସିଂ ନର୍ସରୀ ପରିସରରେ ବୁଧବାର ବନଖଣ୍ଡ ସ୍ତରୀୟ ବନାଗ୍ନି ପ୍ରଶମନ ଓ ପରିଚାଳନା ଉପରେ ଏକ ସଚେତନତା କର୍ମଶାଳା ହୋଇଥିଲା। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ମଝିରେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଓ କର୍ମଚାରୀଙ୍କ ପାଇଁ ଜଙ୍ଗଲ କ୍ଷୟ ହେବା ସହ ବନ୍ୟପ୍ରାଣୀ ବିପଦରେ ପଡୁଥିଲେ। ବର୍ତ୍ତମାନ ଏଥିରେ ସୁଧାର ଆସିଛି। କର୍ମଚାରୀ ଏବଂ ବନ ସୁରକ୍ଷା ସମିତି କର୍ମକର୍ତ୍ତା ମାନେ ସମନ୍ୱୟ ରକ୍ଷା କରି ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ମିଳିତ ପଦକ୍ଷେପ ନେଉଛନ୍ତି। ତେଣୁ ଘୁମୁସର ବନଖଣ୍ଡର ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷିତ ଅଛନ୍ତି। ଆଗାମୀ ଦିନରେ ଏହି ବନଖଣ୍ଡରେ ଆହୁରି ଉନ୍ନତୀକରଣ କରାଯିବ। ଏଥିପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା ବୋଲି

**ବନାଗ୍ନି ପ୍ରଶମନ ଓ ପରିଚାଳନା ସମ୍ପର୍କିତ କର୍ମଶାଳା**


ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଉଦବୋଧନ ଦେଉଛନ୍ତି।

ବିଧାୟକ ନାୟକ କହିଥିଲେ। ଡିଏଫଓ ହିମାଂଶୁ ଶେଖର ମହାନ୍ତି ବୈଠକରେ ଅଧ୍ୟକ୍ଷତା କରିଥିଲେ। ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ, ଉପ ଜିଲ୍ଲାପାଳ ଅନୀଲ କୁମାର ସେଠୀ, ଫୁଲବାଣୀ କେନ୍ଦୁପତ୍ର ଏସିଏଫଚନ୍ଦ୍ର ସେନ ପୂଜାରୀ, ବିଡ଼ିଓ ପୂର୍ଣ୍ଣ ଚନ୍ଦ୍ର ପାଢ଼ୀ, ତହସିଲଦାର ଉମା ଶଙ୍କର ବେହେରା,ଜଗନ୍ନାଥପ୍ରସାଦ ବିଡ଼ିଓ ମନ୍ମଥ ମଲ୍ଲିକ, ଦମକଳ କେନ୍ଦ୍ର ଅଧିକାରୀ ସମୀର ବିଶାଳ, ଏସଡିଭିଓ ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ।

ସୂଚନାଯୋଗ୍ୟ ଯେ ଗତ ସେପ୍ଟେମ୍ବରରୁ ଭଞ୍ଜନଗର ଅଞ୍ଚଳରେ ଆଉ ବଡ ଧରଣର ବର୍ଷା ହୋଇନାହିଁ। ତେଣୁ ନଦୀ ନାଳ, ପୋଖରୀ, ଜଳଭଣ୍ଡାର, କୂଅ ସବୁ ଧିରେ ଧିରେ ଶୁଖିବାରେ ଲାଗିଛି। ଆଗକୁ ବର୍ଷା ନହେଲେ ଲୋକଙ୍କୁ ପିଇବା ପାଣି ମଧ୍ୟ ମୁଠାଏ ଠିକ ଭାବେ ମିଳିବ ନାହିଁ। ଅନ୍ୟପଟେ ବର୍ଷା ନହେବା ଦ୍ୱାରା ଜଙ୍ଗଲ ଜମିର ଆଦ୍ରତା କମି ଯାଉଛି। ତେଣୁ ବର୍ଷା ନହେଲେ ଜଙ୍ଗଲ ନିଆଁ କୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡିବ। ତେଣୁ ମୂଳରୁ ଯେଭଳି ନିଆଁ ନ ଲାଗିବ ସେଥିପ୍ରତି ବର୍ତ୍ତମାନଠୁ ଧ୍ୟାନ ଦେବାକୁ ଉପରୋକ୍ତ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଏସିଏଫ ରଶ୍ମି ରଞ୍ଜନ ସାଇଁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଏସିଏଫ ବିବେକ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ରେଞ୍ଜର ବିଦ୍ୟାଧର ସାହୁ, ଆଶାଲତା ଦିଗାଲ, ପୃଥିବୀ ରାଜ ପ୍ରଧାନ, ଅଣ ଗେଜେଟେଡ ବନ ସେବା ସଂଘ ସଭାପତି ଅନୁପ ବିଷୋୟୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ବେଆଇନ ମାଟି ଖନନ, ଜେସିବି ମେଶିନ ଜବତ

ଚଣ୍ଡିଖୋଲ,୧୮।୧୨(ପ୍ରଦୀପ୍ତ କୁମାର ପୃଷ୍ଟି): ବଡ଼ଚଣା ଥାନା ଦର୍ପଣୀ ପଞ୍ଚାୟତ ଗୁଲଜର ନଗର ପାଟଣା ଗ୍ରାମରେ ଏକ ସରକାରୀ ପୋଖରୀ ଖନନ କରି ମାଟି ଚାଲାଣ କରାଯାଉଥିବାବେଳେ ପୋଲିସ ଚଢ଼ାଉ କରି ଜେସିବି ମେଶିନକୁ ଜବତ କରିଛି। ଏଥିସହିତ ମେଶିନ ଚାଳକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଗୁଲଜର ନଗର ପାଟଣା ଗ୍ରାମରେ ଏକ ଜେସିବି ମେଶିନ ମାଟି ଖୋଳିବା ନେଇ ଗ୍ରାମବାସୀ ଥାନାରେ ଅଭିଯୋଗ କରିଥିଲେ। ମଙ୍ଗଳବାର ପୁନର୍ବାର ଖନନ କାର୍ଯ୍ୟ ଚାଲୁଥିବାବେଳେ ଗ୍ରାମବାସୀ ପୋଲିସକୁ ଫୋନ କରି ଜଣାଇଥିଲେ। ପୋଲିସ ପହଞ୍ଚି ମାଟି ଖୋଳିବା ପାଇଁ ଜେସିବି ଚାଳକଙ୍କୁ ଅନୁମତି ପତ୍ର ମାଗିଥିଲା। ମେଶିନ ଚାଳକ କୌଣସି କାଗଜ ପତ୍ର ଦେଖାଇ ନ ପାରିବାରୁ ପୋଲିସ ମେଶିନକୁ ଜବତ କରି ଥାନାକୁ ଆଣିଥିଲା।

### କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ବିବେଚିତ କବିଙ୍କୁ ଅଭିନନ୍ଦନ

ଧର୍ମଶାଳା,୧୮।୧୨(ବଟକୃଷ୍ଣ ପରିଡା): ବିଶିଷ୍ଟ ପ୍ରାବନ୍ଧିକ ଓ ସମାଲୋଚକ ତଥା ଅବସରପ୍ରାପ୍ତ ପ୍ରଫେସର ବୈଷ୍ଣବ ଚରଣ ସାମଲଙ୍କ ନାମ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ଘୋଷଣା ହୋଇଛି। ଏଥି ନିମନ୍ତେ ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଗୋକର୍ଣ୍ଣିକା ସାହିତ୍ୟ ସମାଜ ସଭାପତି ରମାକାନ୍ତ ଜେନା, କାର୍ଯ୍ୟକାରୀ ସବାପତି ଡ. ରୁଦ୍ରନାରାୟଣ ପୃଷ୍ଟି, ଉପସଭାପତି ଡ. ତୁହିନାଂଶୁ ରଥ, ସମ୍ପାଦକ ମହେଶ୍ୱର ପାଢ଼ୀ, ପ୍ରାକ୍ତନ ସମ୍ପାଦକ ବଟକୃଷ୍ଣ ପରିଡ଼ା, ଅଧ୍ୟକ୍ଷା ଡ. ଇନ୍ଦୁପ୍ରଭା ସାମଲ ପ୍ରମୁଖ ପ୍ରଫେସର ସାମଲଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରଫେସର ସାମଲ ୧୯୯୪ରେ ଗୋକର୍ଣ୍ଣିକା ପୁରସ୍କାର ପାଇଥିଲେ।

### କୁମାରୀ ତାରିଣୀ ମନ୍ଦିରରୁ ଚୋରି

ଧର୍ମଶାଳା,୧୭।୧୨(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ଥାନା କୁମାରୀ ପଞ୍ଚାୟତ କୁମାରୀ ଗ୍ରାମସ୍ଥିତ ତାରିଣୀ ମନ୍ଦିରରୁ ମା'ଙ୍କ ସୁନାଅଳଙ୍କାର ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ୨ ଦିନ ତଳେ ମା' ତାରିଣୀଙ୍କ ବାର୍ଷିକ ଉତ୍ସବ ଉପଲକ୍ଷେ ବିଗ୍ରହରେ ସୁନା ଆଖି, ଚିତା, ନାକଫୁଲ ସମେତ ଅନ୍ୟାନ୍ୟ ସାମଗ୍ରୀ ଲଗାଯାଇଥିଲା। ମଙ୍ଗଳବାର ରାତିରେ କେହି ଦୁର୍ବୃତ୍ତ ମା'ଙ୍କ ବିଗ୍ରହରୁ ସମସ୍ତ ଅଳଙ୍କାର ଚୋରି କରି ନେଇ ଯାଇଥିବା ବୁଧବାର ସକାଳେ ଜଣାପଡିଥିଲା। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ କିଶାନ ପଣ୍ଡା, ବିରଞ୍ଚି ନାରାୟଣ ସାହୁ, ମିନାକ୍ଷୀ ପଣ୍ଡା, କଳ୍ପନା ମିଶ୍ର, ମନୋଜ କୁମାର ଦାସ, କଳ୍ପତରୁ ସାହୁ, ବିଚିତ୍ର ଦାସ, ରାଜକିଶୋର ଶତପଥୀ, ହାଡ଼ିବନ୍ଧୁ ବାରିକ, ନିଗମାନନ୍ଦ ସାହୁ ଓ ସନ୍ତୋଷ କୁମର ଦାସ ପ୍ରମୁଖ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ କରି ଘଟଣାର ତଦନ୍ତ ଚଳାଇଛି।

# ଏନ୍ଆଇଏନ୍ଏଲ୍‌ର ଜନଶୁଣାଣିକୁ ସମର୍ଥନ

- ବିସ୍ଥାପିତ ପରିବାର ଉନ୍ନୟନ ପରିଷଦର ଘୋଷଣା
- ଉତ୍ପାଦନ କ୍ଷମତା ବାର୍ଷିକ ୯.୫ ଏମ୍‌ଟିକୁ ବୃଦ୍ଧି ପ୍ରସ୍ତାବ
- ୪୫୦୦ ପ୍ରତ୍ୟକ୍ଷ ଏବଂ ୯୫୦୦ ପରୋକ୍ଷ ନିଯୁକ୍ତି ସୃଷ୍ଟି ସମ୍ଭାବନା




ଯାଜପୁର,୧୮।୧୨(ହର୍ଷବର୍ଦ୍ଧନ ବେହେରା) : କଳିଙ୍ଗନଗର ନୀଳାଚଳ ଇସ୍ପାତ ନିଗମ ଲିଃ (ଏନ୍ଆଇଏନ୍ଏଲ୍)ର ଆସନ୍ତା ୨୦ ତାରିଖ ଶୁକ୍ରବାର ହେବାକୁ ଥିବା ଜନଶୁଣାଣୀକୁ ବିସ୍ଥାପିତ ପରିବାର ଉନ୍ନୟନ ପରିଷଦ ପକ୍ଷରୁ ପୂର୍ଣ୍ଣ ସମର୍ଥନ କରିବାକୁ ନିଷ୍ପତ୍ତି ହୋଇଛି। ଏହି ମର୍ମରେ ବୁଧବାର ଡୁବୁରୀସ୍ଥିତ କାର୍ଯ୍ୟାଳୟରେ ପରିଷଦର ସଭାପତି ବୀରେନ ଜାମୁଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏନ୍ଆଇଏନ୍ଏଲର ସମ୍ପ୍ରସାରଣ କେବଳ ଯାଜପୁର ଜିଲା ନୁହେଁ ସମଗ୍ର ରାଜ୍ୟ ପାଇଁ ଏକ ବଡ଼ ଉପଲବ୍ଧି ବୋଲି ଜାମୁଡା କହିବା ସହ ଏହାକୁ ବିରୋଧ କରିବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ଏହି ସମ୍ପ୍ରସାରଣ ଜମିହରା ଓ ବିସ୍ଥାପିତମାନଙ୍କ ସର୍ବାଙ୍ଗୀନ ବିକାଶରେ ସହାୟତ ହୋଇ ପାରିବ। ସ୍ଥାନୀୟ ନିଯୁକ୍ତି ଏବଂ ପାରିପାର୍ଶ୍ୱିକ ବିକାଶରେ ଏନ୍ଆଇଏନ୍ଏଲ ସମ୍ପୂର୍ଣ୍ଣ ମାତ୍ରାରେ ସହଯୋଗ କରିବାକୁ ପରିଷଦ ଦାବି କରିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଲୌହ ଏବଂ ଇସ୍ପାତ ଉତ୍ପାଦନ ପାଇଁ ୧୯୮୨ରେ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ(ଏନ୍ଆଇଏନ୍ଏଲ୍) ଗଠନ ହୋଇଥିଲା। ଜାତୀୟ କମ୍ପାନୀ ଆଇନ ଟ୍ରିବ୍ୟୁନାଲ ୨୦୧୯ ଫେବୃଆରୀ ୬ରେ ଏନ୍ଆଇଏନ୍ଏଲର କାର୍ପୋରେଟ ଦେବାଳିଆ ସମାଧାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି କ୍ରମରେ ଟାଟା ଷ୍ଟିଲ ଲଙ୍ଗ ପ୍ରଡକ୍ଟସ ଲିମିଟେଡ ସଫଳ ନିବେଶକ ଭାବେ ଘୋଷିତ ହୋଇଥିଲା। ଏହାପରେ ଏନ୍ଆଇଏନ୍ଏଲର ଅଂଶଧାରୀ ଏବଂ ଟାଟା ଟାଟା ଷ୍ଟିଲ ଲଙ୍ଗ୍ ପ୍ରଡକ୍ଟସ ଲିମିଟେଡ ମଧ୍ୟରେ ୨୦୨୨ ମାର୍ଚ୍ଚ ୧୦ରେ ସେୟାର ବିକ୍ରୟ ଓ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ତଦନୁସାରେ ଏନ୍ଆଇଏନ୍ଏଲକୁ ୨୦୨୨ ଜୁଲାଇ ୪ରେ ଟାଟା ଷ୍ଟିଲ ଲଙ୍ଗ ପ୍ରଡକ୍ଟସ ଦ୍ୱାରା ଅଧିଗ୍ରହଣ ସମାପ୍ତ ହୋଇଥିଲା। ରାଜ୍ୟର ଯାଜପୁର ଜିଲା କଳିଙ୍ଗନଗରସ୍ଥିତ ଏନ୍ଆଇଏନ୍ଏଲର ଅଶୋଧିତ ଇସ୍ପାତ୍ ଉତ୍ପାଦନ କ୍ଷମତାକୁ ବାର୍ଷିକ ୦.୯୮୧ ଏମ୍‌ଟିରୁ ୯.୫ ଏମ୍‌ଟିକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ଏହିକ୍ରମରେ ସରକାରଙ୍କ ପକ୍ଷରୁ ଜନଶୁଣାଣୀ କରାଯାଉଛି।

ମିଳିଥିବା ସୂଚନା ଅନୁଯାୟୀ, ଏହି ଇସ୍ପାତ୍ କାରଖାନା ପାଇଁ କଞ୍ଚାମାଲ୍‌ର ମୋଟ ଆବଶ୍ୟକତା ବାର୍ଷିକ ୪.୭ ଏମ୍‌ଟିରୁ ୨୭ ଏମ୍‌ଟିକୁ ବୃଦ୍ଧି ପାଇବ। ଏହାବାଦ୍ ପ୍ଲାଣ୍ଟର ସର୍ବାଧିକ ବିଦ୍ୟୁତ୍ ଆବଶ୍ୟକତା ମୋଟ ୭୫୮ ମେଗାୱାଟ ମଧ୍ୟରୁ ୫୫୭ ମେଗାୱାଟ୍ ଗ୍ରୀଡ, ୨୮୮ ମେଗାୱାଟ୍ କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ ଏବଂ ୭୮.୫ ମେଗାୱାଟ୍ ଅକ୍ଷୟ ଶକ୍ତି ଉତ୍ସରୁ ଉତ୍ପାଦନ କରାଯିବ। ସେହିପରି ଘଣ୍ଟାକୁ ୪୦୦ ଘନମିଟରରୁ ୪୬୦୦ ଘନମିଟରକୁ ଜଳ ଆବଶ୍ୟକତା କରିବ। ଖରସ୍ରୋତା ନଦୀରୁ ଏହି ଜଳ ବ୍ୟବହାର କରାଯିବ। ପ୍ରସ୍ତାବିତ ପ୍ରକଳ୍ପର ଆନୁମାନିକ ମୂଲ୍ୟ ପ୍ରାୟ ୬୧,୭୬୯.୦୩ କୋଟି ଟଙ୍କା ରହିଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ସମୟରେ ୪୫୦୦ ପ୍ରତ୍ୟକ୍ଷ ଏବଂ ୯୫୦୦ ପରୋକ୍ଷ ଭାବେ ନିଯୁକ୍ତି ସୃଷ୍ଟି ହେବାର ସମ୍ଭାବନା ରହିଛି। ଜାତୀୟ ଇସ୍ପାତ୍ ନୀତି ଅନୁଯାୟୀ ୨୦୩୦ ସୁଦ୍ଧା ୩୦୦ ନିୟୁତ ଟନ୍ ଇସ୍ପାତ୍ ଉତ୍ପାଦନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ପ୍ରକଳ୍ପ ଦ୍ୱାରା ଭିତ୍ତିଭୂମି ବିକାଶ ତ୍ୱରାନ୍ୱିତ ହେବ। ପ୍ଲାଣ୍ଟ ପରିଚାଳନା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସମ୍ପ୍ରସାରଣର ଆବଶ୍ୟକତାକୁ ପୂରଣ କରିବା ପାଇଁ ବର୍ତ୍ତମାନର ସଡ଼କ ସ୍ଥିତିରେ ଉନ୍ନତି ହେବ। ଏହାସହ ରେଳ ଓ ସ୍ଥାନୀୟ ପରିବହନ ସୁବିଧାରେ ଆହୁରି ଉନ୍ନତି କରାଯିବ ବୋଲି କମ୍ପାନୀର ପରିବେଶ ପ୍ରଭାବ ଆକଳନ ରିପୋର୍ଟରେ ଦର୍ଶାଯାଇଛି।

# ସ୍ଥିତି ପରଖିଲେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ

**ଘରୋଇ ହସ୍ପିଟାଲରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଘଟଣା**

କାଏମା,୧୮।୧୨(ଶିବପ୍ରସାଦ ମହାନ୍ତି): ଧର୍ମଶାଳା ଥାନା ଅନ୍ତର୍ଗତ ଶାନ୍ତିବଜାର ନିକଟ ଏକ ଘରୋଇ ହସ୍ପିଟାଲରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର କରାଯାଇଥିବା ନେଇ ଅଭିଯୋଗ ହେବାପରେ ବୁଧବାର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶିବାଶିଷ ମହାରଣା ପହଞ୍ଚି ସ୍ଥିତି ପରଖିଛନ୍ତି। ସେ ହସ୍ପିଟାଲ କର୍ତ୍ତୃପକ୍ଷ ଓ ରୋଗୀଙ୍କ ସହ ଆଲୋଚନା କରିଛନ୍ତି।

ଅଭିଯୋଗ ମୁତାବକ, କୁଆଖିଆ ଥାନା ମାନପୁର ଗ୍ରାମର ଖବରଦାତା ଗଗନ ବିହାରୀ ଦାସଙ୍କ ଭଉଣୀ କବିତା ମହାନ୍ତିଙ୍କ ଉକ୍ତ ହସ୍ପିଟାଲରେ ଅସ୍ତ୍ରୋପଚାର କରାଯାଇଥିଲା। ପୁନର୍ବାର ତାଙ୍କ ପେଟରେ ଯନ୍ତ୍ରଣା ହେବାରୁ ସେ ଘରୋଇ ହସ୍ପିଟାଲରେ ପହଞ୍ଚି ଯନ୍ତ୍ରଣା ବିଷୟରେ କହିଥିଲେ। ଏହାପରେ କବିତାଙ୍କ ପୁଣି ଅସ୍ତ୍ରୋପଚାର କରାଯାଇଥିଲା। ଫଳରେ ସେହି ଦିନଠାରୁ କବିତା ଉକ୍ତ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଏତେଦିନ ରହିବା ପରେ ବି କବିତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସୁଧୁରିବା ବଦଳରେ ବିଗୁଡ଼ୁଥିବାରୁ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ପରିବାର ପକ୍ଷରୁ କୁହାଯିବାରୁ ହସ୍ପିଟାଲ କର୍ତ୍ତୃପକ୍ଷ ସେମାନଙ୍କୁ ମାନସିକ ନିର୍ଯାତନା ଦେଇଥିଲେ। ଏନେଇ କବିତାଙ୍କ ଭାଇ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ନଂ.୮୭୨/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପକ୍ଷରେ ଏହାର ଉଚିତ ତଦନ୍ତ କରାଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସୂଚନା ଦେଇଛନ୍ତି।

# ମଦ୍ରାସା ବିଦ୍ୟାଳୟ ପରିଦର୍ଶନ କଲେ ମନ୍ତ୍ରୀ




ମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଉଛି।

କାଳିଆପାଣି,୧୮।୧୨(ଅସିତ ମହାନ୍ତ): ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସୁକିନ୍ଦା ମୁସଲମାନ ସାହିରେ ଥିବା ମଦ୍ରସା ଇସଲାମିୟା ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ସମୟରେ ମନ୍ତ୍ରୀଙ୍କ ସହ ବିଦ୍ୟାଳୟ ପରିଚାଳନା କମିଟି, ସାହି ମୁରବି ଓ ବହୁ ଅଭିଭାବକ ଉପସ୍ଥିତ ରହି ସ୍କୁଲର ବହୁବିଦ୍ଧ ସମସ୍ୟା ଉପରେ ଆଲୋଚନା କରିଛନ୍ତି। ବିଦ୍ୟାଳୟର ବିଭିନ୍ନ ସମସ୍ୟା ଯଥା; ଶିକ୍ଷକ, ବହୁ ଦିନରୁ ନିଯୁକ୍ତି ପାଇଥିବା ଜଣେ ଶିକ୍ଷକଙ୍କ ସ୍ଥାୟୀ ନିଯୁକ୍ତି, ରୋସେଇ ଘର ନ ଥିବା, ଆବଶ୍ୟକୀୟ ପାଠ୍ୟ ସାମଗ୍ରୀ ନ ଥିବା ସମ୍ପର୍କରେ ପରିଚାଳନା କମିଟି ଦାବିପତ୍ର ଦେଇଛି। ବିଦ୍ୟାଳୟ ସୁପରିଚାଳନା ପାଇଁ ସତ୍ତାର ସ୍ମୃତି ସଂସଦ ପକ୍ଷରୁ ବିଦ୍ୟାଳୟ ମୁଖ୍ୟଙ୍କୁ ଅର୍ଥରାଶି ପ୍ରଦାନ କରାଯାଇଛି। ବହୁ ଦିନରୁ ନିଯୁକ୍ତି ପାଇ ବିନାପାରିଶ୍ରମିକରେ କାର୍ଯ୍ୟରତ ଜଣେ ଶିକ୍ଷକଙ୍କୁ ସତ୍ତାର ସ୍ମୃତି ସଂସଦ ପକ୍ଷରୁ ମନ୍ତ୍ରୀଙ୍କ ଉପସ୍ଥିତରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏଥିରେ ସ୍ମୃତି ସଂସଦର ଉପଦେଷ୍ଟା ମମତାଜ ଅଲ୍ଲି, ପୂର୍ବତନ କମିଟି ସଭାପତି ନାଦିର ମହମଦ, କମିଟି ସଭାପତି ଶେଖ ସଫିର, ଅନସାର ଅଲ୍ଲି, ସାହି ମୁରବୀ ଅଜଗର ଅଲ୍ଲି, ପ୍ରଧାନଶିକ୍ଷକ ଏମ୍‌ଡି ଅସଲାମଙ୍କ ସମେତ ବହୁ ଅଭିଭାବକ ଉପସ୍ଥିତ ଥିଲେ।

# ସେଣ୍ଟ ଜାଭିୟର ହାଇସ୍କୁଲରେ କ୍ରୀଡ଼ା ଉତ୍ସବ

ଦଶରଥପୁର,୧୮।୧୨ (ସୁଶାନ୍ତ କୁମାର ବେହୁରିଆ): ପ୍ରୀତିପୁର ସେଣ୍ଟ୍ ଜାଭିୟର ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଦଶରଥପୁର ବ୍ଲକ ଅଧୀନ ଚଷାଖଣ୍ଡସ୍ଥିତ କଂସାଲଡ଼ିହ ହାଇସ୍କୁଲ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ କୈଳାଶ ଚନ୍ଦ୍ର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ଅନନ୍ଦା ପ୍ରସାଦ ରଣା, ସମ୍ମାନିତ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ବେହୁରିଆ, ସେଣ୍ଟ ଜାଭିୟର ସ୍କୁଲର ନିର୍ଦ୍ଦେଶକ ସୁବ୍ରତ କୁମାର ସାମଲ, ସ୍କୁଲ୍ ଚେୟାରମ୍ୟାନ ବାସନ୍ତୀ ସାମଲ, ସମାଜସେବୀ ଅନିଲ ମିଶ୍ର ଓ ନିରାକାର ରାଉତ ପ୍ରମୁଖ ଯୋଗଦେଇ କ୍ରୀଡ଼ା ହିଁ ସୁସ୍ଥ ସମାଜ ଗଠନ ଦିଗରେ ମୁଖ୍ୟ ମାର୍ଗ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଶିଶୁମାନଙ୍କ ଦ୍ୱାରା ଶହେ ମିଟର, ପଚାଶ ମିଟର ଦୌଡ଼, ଆଳୁ ଚାମଚ ଦୌଡ଼, ଗଣିତ କକ୍ଷା ଦୌଡ଼, ଲଙ୍ଗ ଜମ୍ପ, ମ୍ୟୁଜିକ ଚେୟାର ଆଦି କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ଉତ୍ସବ ପରିଚାଳନା କରିବାରେ ବିଦ୍ୟାଳୟ ଶିକ୍ଷୟିତ୍ରୀଶିକ୍ଷକ ରୁବିନା ପରବିନ, ଜୟଶ୍ରୀ ମହାପାତ୍ର, ବର୍ଷା ପ୍ରିୟଦର୍ଶିନୀ ସାମଲ, ଅଲିପ୍ସା ମହାନ୍ତି, ପ୍ରୀତିଶୋହାନୀ ମହାନ୍ତି, ସମସାଦ ପରବିନ, ଜୀବନଜ୍ୟୋତି ଓଝା, କୃପାସିନ୍ଧୁ ମଲ୍ଲିକ, ଆଶୁତୋଷ ମହାନ୍ତି ଓ ଅନିତାରାଣୀ ନାୟକ ପ୍ରମୁଖ ସହଯୋଗ କରିଥିଲେ।



କ୍ରୀଡ଼ା ଉତ୍ସବରେ ମଞ୍ଚାସୀନ ଅତିଥି।

# ଜନ ଶୁଣାଣିକୁ ସୁକିନ୍ଦା କଂଗ୍ରେସର ବିରୋଧ ଚେତାବନୀ

କଳିଙ୍ଗନଗର ୧୮।୨୪ (ଶୁଭାଶିଷ ରାଉତ): ନୀଳାଚଳ କାରଖାନା ସମ୍ପ୍ରସାରଣ ପାଇଁ ହେଉଥିବା ପରିବେଶ ମଞ୍ଜୁରୀ ଜନ ଶୁଣାଣୀକୁ ସୁକିନ୍ଦା କଂଗ୍ରେସ ଘୋର ବିରୋଧ କରିବ ବୋଲି ବୁଧବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ଦାନଗଦିଠାରେ ଥିବା କଂଗ୍ରେସ କାର୍ଯ୍ୟାଳୟରେ ସୁକିନ୍ଦା କଂଗ୍ରେସ ବିଧାୟକ ପ୍ରାର୍ଥୀ ବିଭୁ ଭୂଷଣ ରାଉତ ଟାଟା ଅଧିଗ୍ରହଣ ପରେ ନୀଳାଚଳ କାରଖାନା ପାଇଁ ବିଭିନ୍ନ ସମସ୍ୟା ଓ ଆନ୍ଦୋଳନ ମୁଣ୍ଡ ଟେକିଛି ବୋଲି କହିବା ସହ ୭ଟି ଦାବି ଉପସ୍ଥାପନା କରିଥିଲେ। ନୀଳାଚଳ ଇସ୍ପାତ ନିଗମ ପାଇଁ ବିସ୍ଥାପିତ ପରିବାରଗୁଡିକର ସମସ୍ୟାକୁ ଅବିଳମ୍ବେ ଦୂରୀଭୁତ, ପଲ୍ଲୀ ଅଞ୍ଚଳର ଜୀବନ ରେଖା ଗଣ୍ଡାନାଳକୁ ନୀଳାଚଳ ଇସ୍ପାତ୍ ନିଗମର ବର୍ଜ୍ୟବସ୍ତୁ ଛଡା ନ ଯାଉ, ପରିବେଶ ଜନିତ ସମସ୍ୟା ଉପରେ ପଦକ୍ଷେପ, ସ୍ଥାନୀୟ ଅଞ୍ଚଳରେ ଏକ ସୁପର ସ୍ପେସିଆଲିଷ୍ଟ ଡାକ୍ତରଖାନା ପ୍ରତିଷ୍ଠା, ଟାଟା ମେଡିକା ହସ୍ପିଟାଲରେ ସ୍ଥାନୀୟ ଜନସାଧାରଣଙ୍କୁ ମାଗଣା ସ୍ୱାସ୍ଥ୍ୟସେବା, ବେକାର ଯୁବତୀଯୁବକମାନଙ୍କୁ ଯୋଗ୍ୟତା ଅନୁଯାୟୀ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ପ୍ରଦାନ, ସ୍ଥାନୀୟ ଅଧିବାସୀମାନଙ୍କୁ ନୀଳାଚଳ ଇସ୍ପାତ ନିଗମ କାରଖାନାରେ ଠିକା କାମ, ବାହାର ଠିକା ସଂସ୍ଥାକୁ କାମ ନ ଦିଆଯାଇ ସ୍ଥାନୀୟ ଲୋକଙ୍କୁ ଦିଆଯାଉ ଇତ୍ୟାଦି ଦାବି କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ କଂଗ୍ରେସର ରଣଜିତ ରାଜ, ମହେନ୍ଦ୍ର ଦାସ, ସୁକୁମାର ଦେଓ, ଦୟାନିଧି ପଲେଇ, ପୁଷ୍ପଲତା ପାତ୍ର, ଉମାକାନ୍ତ ଜେନାମଣୀ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜ୍ୟ ପୁସ୍ତକମେଳାରେ ପୂର୍ବୀ ପ୍ରକାଶନୀ ସମ୍ବର୍ଦ୍ଧିତ



ପୂର୍ବୀ ପ୍ରକାଶନୀର ମାର୍ଗଦର୍ଶକ ବିରଞ୍ଚି ଦାସ ମନ୍ତ୍ରୀଙ୍କଠାରୁ ସମ୍ବର୍ଦ୍ଧନା ଫଳକ ଗ୍ରହଣ କରୁଛନ୍ତି।

ଯାଜପୁରରୋଡ୍,୧୮।୧୨(ପବିତ୍ର ରଞ୍ଜନ ମହାନ୍ତି): ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଷଷ୍ଠ ଓଡ଼ିଶା ରାଜ୍ୟପୁସ୍ତକ ମହୋତ୍ସବ-୨୦୨୪ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ସନ୍ଧ୍ୟାରେ 'ପୂର୍ବୀ ପ୍ରକାଶନୀ' ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛି। ଯାଜପୁର ଜିଲା ନିବାସୀ ତଥା ପ୍ରକାଶନୀର ମାର୍ଗଦର୍ଶକ ଅଧ୍ୟାପକ ବିରଞ୍ଚି ଦାସ ମନ୍ତ୍ରୀଙ୍କଠାରୁ ସମ୍ବର୍ଦ୍ଧନା ଫଳକ ଗ୍ରହଣ କରିଛନ୍ତି। ଚଳିତ ଥର ପ୍ରଥମକରି ପୂର୍ବୀ ପ୍ରକାଶନୀ ରାଜ୍ୟପୁସ୍ତକ ମେଳାରେ ଅଂଶଗ୍ରହଣ କରିବା ସହ ୨୫ରୁ ଉର୍ଦ୍ଧ୍ୱ ମୂଲ୍ୟବାନ ପୁସ୍ତକ ପ୍ରକାଶକରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ରାଜ୍ୟସ୍ତରୀୟ ମାନ୍ୟତା ମିଳିବା ପରେ ଦାସ ଖୁସିବ୍ୟକ୍ତ କରିବା ସହ ରାଜ୍ୟ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ପୁସ୍ତକ ମେଳା ଆୟୋଜନକୁ ପ୍ରଶଂସା କରିଛନ୍ତି। ଅନ୍ୟପକ୍ଷରେ ପୁସ୍ତକ ପ୍ରକାଶନକୁ ନେଇ ନୂଆ ପିଢିର ଲେଖିକା/ଲେଖକ ସାହସ ଜୁଟାଇ ପାରୁ ନ ଥିବା ବେଳେ ପୂର୍ବୀ ପ୍ରକାଶନୀ ସେ ଦିଗରେ ସହାୟତାର ହାତ ବଢ଼ାଇଥିବାରୁ ବହୁ ସାହିତ୍ୟିକ ତଥା ସଂସ୍କୃତିପ୍ରେମୀ ଦାସଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି।

# ରାଜ୍ୟସ୍ତରୀୟ କ୍ରିକେଟ: ସେମି ଫାଇନାଲରେ ପୁରୀ

ବ୍ରହ୍ମବରଦା,୧୮।୧୨ (ଯଯାତି କେଶରୀ ବେହେରା): ଯାଜପୁର ବ୍ଲକ ଖାଲପଡ଼ା ପଞ୍ଚାୟତ କାକୁଡ଼ିକୁଦ-ନୀଳକଣ୍ଠପୁର ଗ୍ରାମ ସତ୍ୟସାଇ ଖେଳ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ସତ୍ୟସାଇ କ୍ରିକେଟ ପ୍ରତିଯୋଗିତାରେ ବୁଧବାର ବାଲେଶ୍ୱରକୁ ହରାଇ ପୁରୀ ସେମି ଫାଇନାଲରେ ପ୍ରବେଶ କରିଛି। ବାଲେଶ୍ୱର ଟିମ ପ୍ରଥମେ ବ୍ୟାଟିଂ କରି ୨୫ ଓଭରରେ ସମସ୍ତ ଉଇକେଟ ହରାଇ ୧୩୮ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଓମ୍ ପଣ୍ଡା ୨୮ ରନ କରିଥିଲେ। ବିପକ୍ଷ ଦଳର ବୋଲର ଭାଗିରଥି ବେହେରା ଓ ଆର ରମଣ ରାଓ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ପୁରୀ କ୍ରିକେଟ ଟିମ ୧୭.୧ ଓଭରରେ ୫ ଉଇକେଟ ହରାଇ ଆବଶ୍ୟକ ରନ କରି ସେମି ଫାଇନାଲରେ ପ୍ରବେଶ କରିଥିଲା। ଦଳପକ୍ଷରୁ ଭାଗିରଥି ବେହେରା ୪୫ ରନ କରିଥିଲେ। ଅଲରାଉଣ୍ଡର ଭାବେ ଭାଗିରଥି ବେହେରାଙ୍କୁ ଆସୋସିଏଶନର ସଭାପତି ପ୍ରିୟନାଥ ରାଉତ ମ୍ୟାନ୍-ଅଫ-ଦି-ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଖେଳକୁ ଅମ୍ପାୟାର ଦୁର୍ଗାପ୍ରସାଦ ପଟ୍ଟନାୟକ ଓ ସନ୍ତୋଷ ପତି ପରିଚାଳନା କରିଥିଲେ। ଭାଷ୍ୟକାରଭାବେ ଅରୁଣ ପତି, ଇମ୍ରାନ ଖାନ, ସୁମନ ସାହୁ ଓ ସ୍କୋରର ଭାବେ ରୋଷନ ସାହୁ, ଚିନ୍ମୟ ଦଳାଇ ଓ ରାଜା ଜେନା ସହଯୋଗ କରିଥିଲେ। ମାଧବ ଜେନା, ନିରଂଜନ ଜେନା, ମନୋଜ ଜେନା, ପ୍ରଭାକର ସାହୁ, ଉତ୍କଳ ଜେନା, ରଞ୍ଜିତ ନାୟକ, ରତିକାନ୍ତ ରାଉତ, ସୁନିଲ ଜେନା, ଦିଲୀପ ଜେନା, ସୁକଦେବ ସାହୁ, ବଳରାମ ସାହୁ, ରାଜେଶ ଜେନା, ହେମନ୍ତ ସାହୁଙ୍କ ସମେତ ସମସ୍ତ ସଭ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଗୁରୁବାର ବାପୁଜୀ ଭୁବନେଶ୍ୱର ବନାମ ଇଞ୍ଜନପୁର ଯାଜପୁର ମଧ୍ୟରେ ଖେଳ ଅନୁଷ୍ଠିତ ହେବ।

# ସତ୍‌ସଙ୍ଗର ଶ୍ରୀଶ୍ରୀ ଆଚାର୍ଯ୍ୟଦେବଙ୍କ ବରୀ ଆଗମନ



ବରୀ,୧୮।୧୨(ମହେନ୍ଦ୍ର ସ୍ୱାଇଁ): ଆଧ୍ୟାତ୍ମିକ ଚିନ୍ତାଧାରାକୁ ବିଶ୍ୱାସ ଭରଷା କରି ମଣିଷ ଯେତେବେଳ ନିଜର କର୍ମକୁ ଆଦରି ନେଇଥାଏ ସେତେବେଳେ ତାକୁ ସଫଳତା ମିଳିଥାଏ। ଆଜିର ଯୁଗରେ ବିଜ୍ଞାନ ଉପରେ ଭରଷା ରଖିଲେ ବି ଆଧ୍ୟାତ୍ମିକ ଚିନ୍ତାଧାରା, କର୍ମ, କର୍ତ୍ତବ୍ୟ ସମସ୍ତଙ୍କୁ ଜନମାନସରେ ଉଜ୍ଜୀବିତ କରି ରଖିବ ବୋଲି ବରୀ ବ୍ଲକ୍ କଳାମାଟିଆସ୍ଥିତ ସତସଙ୍ଗ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀଶ୍ରୀ ଆଚାର୍ଯ୍ୟଦେବ ଏକଥା କହିଛନ୍ତି। ବୁଧବାର କଳାମାଟିଆସ୍ଥିତ ସତସଙ୍ଗ ବିହାର କେନ୍ଦ୍ର ନିକଟ ପଡ଼ିଆରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ଆଚାର୍ଯ୍ୟଦେବଙ୍କ ଦର୍ଶନ କରିବା ସହ ଆନନ୍ଦ ବଜାରରେ ପ୍ରସାଦ ସେବନ କରିଥିଲେ। ନିଜକୁ ଜଣେ ଭଲ ମଣିଷ ଭାବେ ଗଢ଼ି ତୋଳିବାରେ ଆଚାର୍ଯ୍ୟଙ୍କ ଦର୍ଶନ ସହ ଆଶୀର୍ବଚନ ସହାୟକ ହୁଏ ବୋଲି କଳାମାଟିଆ ସତସଙ୍ଗ ମୁଖ୍ୟ ଅଭୟ ଦାଶ, ଶୁକଦେବ ପରିଡ଼ା, ଶ୍ରୀଧର ଦାଶ, ବୀରକିଶୋର ଧଳ, ଦୀପକ ପରିଡ଼ା, ଶୁଭ୍ରକାନ୍ତ ଧଳ, କୁଳମଣି ପରିଡା, ଆକାଶ ବାରିକ, ପ୍ରତାପ ଚନ୍ଦ୍ର ପରିଡ଼ା, ଦେବେନ୍ଦ୍ର ରାୟ, ଚିତ୍ତରଞ୍ଜନ ନାୟକ, ପ୍ରସାନ୍ତ ଧଳ ପ୍ରମୁଖ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ପୂର୍ବତନ ବିଧାୟିକା ସୁନନ୍ଦା ଦାସ, ଦେବେନ୍ଦ୍ର ଦାସ ଓ ବ୍ଲକ ଭାରପ୍ରାପ୍ତ ବିଡିଓ ମହେଶ୍ୱର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ନିୟମିତ ବସୁନି ପଞ୍ଚାୟତ ସମିତି ବୈଠକ

**୫୭ ମାସରେ ୨୮ ବଦଳରେ ବସିଛି ୬ ବୈଠକ**




ରସୁଲପୁର,୧୮।୧୨(ରଂଜିତ ରାଉତ): ରସୁଲପୁର ପଞ୍ଚାୟତ ସମିତି ବୈଠକ ନିୟମିତ ବସୁନାହିଁ। ବ୍ଲକ ପ୍ରଶାସନର ଟାଳଟୁଳ ନୀତି, ଏମ୍‌ପି ଓ ବିଧାୟକଙ୍କ ଇଚ୍ଛାଶକ୍ତିର ଅଭାବ, ତୃଣମୂଳସ୍ତରର ଜନପ୍ରତିନିଧିଙ୍କ ଅସଚେତନତା ଓ ଅସହାୟତା କାରଣରୁ ନିୟମିତ ବୈଠକ ଆହ୍ୱାନରେ ପ୍ରତିବନ୍ଧକ ସୃଷ୍ଟି ହେଉଛି ବୋଲି ସାଧାରଣରେ ଆଲୋଚନା ହେଉଛି। ନିୟମାନୁତାବକ ନିର୍ଦ୍ଧାରିତ ବ୍ୟବଧାନରେ ସମିତି ବୈଠକ ଡକାଯିବା ନେଇ କାହାରି ଗୁରୁତ୍ୱ ରହୁ ନ ଥିବାରୁ ୫୭ମାସ ଅବଧି ମଧ୍ୟରେ ୨୮ ବୈଠକ ଆହ୍ୱାନ କରାଯିବା ବଦଳରେ ମାତ୍ର ୬ ବୈଠକ ଡକାଯାଇ ଥିବା ବ୍ଲକ ସୂତ୍ରରୁ ଜଣାଯାଇଛି। ଚଳିତବର୍ଷ ଜୁନରେ ରାଜ୍ୟରେ ନୂତନ ସରକାର ଗଠନ ପରେ ୨ ସଂସଦ ଓ ବିଧାନସଭା ଅଧିବେଶନ ବସି ସାରିଲାଣି। ଏଥିପୂର୍ବରୁ ବ୍ଲକରେ ଗୋଟିଏ ହେଲେ ବୈଠକ କରାଯାଇନାହିଁ। ଆଗାମୀ ଦିନରେ ନିୟମିତ ବୈଠକ ଆହ୍ୱାନ କରାଯିବା ନେଇ ସାଧାରଣରେ ଦାବି ହେଉଛି।

ପଞ୍ଚାୟତ ସମିତିରେ ପ୍ରତି ୨ମାସ ବ୍ୟବଧାନରେ ଅର୍ଥାତ ବର୍ଷକୁ ଅନ୍ୟୁନ ୬ ପଞ୍ଚାୟତ ସମିତି ବୈଠକ କରାଯିବାର ବିଧି ରହିଛି। ମାତ୍ର ଏହି ନିୟମକୁ ବ୍ଲକରେ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ୨୬ଫେବୃଆରୀ, ୨୦୨୨ରେ ପଞ୍ଚାୟତ ନିର୍ବାଚନ ଫଳାଫଳ ଘୋଷଣା ହୋଇଥିଲା। ମାର୍ଚ୍ଚ,୨୦୨୨ରେ ପ୍ରଥମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହା ପରେ ଆଉ ମାତ୍ର ୫ ବୈଠକ ଅନୁଷ୍ଠିତ ହୋଇପାରିଛି। ପ୍ରତ୍ୟେକ ସଂସଦ ଓ ବିଧାନସଭା ଅଧିବେଶନ ପୂର୍ବରୁ ବୈଠକ ଆହ୍ୱାନ କରାଯିବା ନେଇ ବିଧି ରହିଛି। ଏଭଳି କରାଗଲେ ଉଭୟ ଗୃହରେ ପ୍ରଶ୍ନ ଉତ୍ତର ସମୟରେ ଏମ୍‌ପି ଓ ବିଧାୟକମାନେ ଠିକ୍ ତଥ୍ୟ ପଞ୍ଚାୟତ ସମିତିରୁ ହାଲସକରି ଗୃହରେ ଉପସ୍ଥାପନ କରିପାରିବେ। ମାତ୍ର ଏଭଳି କରାଯାଉ ନ ଥିବାରୁ ଗାଁ ଲୋକଙ୍କ ବାସ୍ତବ ସ୍ୱର ଦେଶ ଓ ରାଜ୍ୟର ରାଜଧାନୀରେ ପହଞ୍ଚି ପାରୁନାହିଁ। ତୃଣମୂଳସ୍ତରରୁ ଆସୁଥିବା ବିଭିନ୍ନ ପ୍ରସ୍ତାବ ଠିକ୍ ଭାବରେ କାର୍ଯ୍ୟକାରୀ ହୋଇପାରୁ ନାହିଁ। ପଞ୍ଚାୟତ ସମିତିର ଆୟବ୍ୟୟ ହିସାବ, କଣ୍ଟିଜେନ୍ସି ପାଣ୍ଠିର ବ୍ୟୟବରାଦ, ବିଭିନ୍ନ ପଞ୍ଚାୟତରେ ଦେଖାଯାଉଥିବା ସମସ୍ୟା, ଖାଦ୍ୟ ଯୋଗାଣ ବିଭାଗ, ସାମାଜିକ ସୁରକ୍ଷା ଯୋଜନା, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ମହିଳା ଓ ଶିଶୁ ବିକାଶ ବିଭାଗ, ପ୍ରାଣୀ ଚିକିତ୍ସା ବିଭାଗ, ମିଶନଶକ୍ତି, କୃଷି, ଉଦ୍ୟାନ କୃଷି, ଏମ୍‌ଜିଏନ୍‌ଆରଇଜିଏସ୍ ଭଳି ୨୨ ବିଭାଗ ସମ୍ପର୍କରେ ଆଲୋଚନା ହୋଇପାରୁନାହିଁ।

ବିଭିନ୍ନ ବିଭାଗ ଜରିଆରେ କାର୍ଯ୍ୟକାରୀ ହେଉଥିବା ଜନମଙ୍ଗଳକାରୀ ଯୋଜନା ସମ୍ପର୍କରେ ତୃଣମୂଳସ୍ତରରେ ପ୍ରତିନିଧିଙ୍କୁ ଅଣଦେଖା କରାଯାଉଛି। ବିଭାଗୀୟ ଅଧିକାରୀ ପଞ୍ଚାୟତ ସମିତି ସଭ୍ୟାସଭ୍ୟ, ସରପଞ୍ଚଙ୍କୁ ଅଣଦେଖା କରି କାର୍ଯ୍ୟ କରିବାର ସୁଯୋଗ ସୃଷ୍ଟି କରୁଛନ୍ତି। କେତେକ ସ୍ଥାନରେ ବିଭାଗୀୟ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ଯୋଗୁ ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ସଫଳ ରୂପାୟନ ହେବାରେ ବାଧା ସୃଷ୍ଟି କରୁଛି। ନିୟମିତ ବୈଠକ ବସୁ ନ ଥିବାରୁ ଏ ସବୁ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇ ନିଷ୍ପତ୍ତି ନିଆଯାଇ ପାରୁନାହିଁ। ଏମ୍‌ପି ଓ ବିଧାୟକଙ୍କ ଇସାରାରେ ପଞ୍ଚାୟତଗୁଡିକର ବିଭିନ୍ନ ଉନ୍ନୟନ କାର୍ଯ୍ୟ କରାଯାଉଛି ବୋଲି ଜନପ୍ରତିନିଧି ଅଭିଯୋଗ ଆଣୁଛନ୍ତି। ପ୍ରତି ୨ମାସରେ ଥରେ ଲେଖାଏ ବୈଠକ ଆହ୍ୱାନ କରାଗଲେ ପଞ୍ଚାୟତସ୍ତରର ପ୍ରତିନିଧିଙ୍କ ଗୁରୁତ୍ୱ ବୃଦ୍ଧି ଘଟିବା ସହ ସେମାନଙ୍କ ସାମ୍ବିଧାନିକ କ୍ଷମତା ଅକ୍ଷୁର୍ଣ୍ଣ ରହିପାରିବ ଏବଂ ଜନସାଧାରଣଙ୍କ ସମସ୍ୟା ସହଜରେ ସମାଧାନ ହୋଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ଏ ସମ୍ପର୍କରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ ରାଉତଙ୍କୁ ପଚାରିବାରୁ ସେ କହିଛନ୍ତି, ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଶେଷ ବୈଠକ ବସିଥିଲା। ଅନ୍ୟ ବୈଠକ ବସିବା ନେଇ ବ୍ଲକର ଭାରପ୍ରାପ୍ତ ବିଡିଓ ନିରଞ୍ଜ ସାହୁଙ୍କୁ କହିଥିଲେ। ତେବେ କେଉଁ କାରଣରୁ ବୈଠକ ପାଇଁ ନୋଟିସ କରାଯାଇପାରି ନାହିଁ, ସେ ସମ୍ପର୍କରେ ବଡିଓଙ୍କ ସହ ଆଲୋଚନା କରିବା ପରେ ଜଣାପଡିବ ବୋଲି ପ୍ରକାଶ କରିଛନ୍ତି।

# ଦୃଷ୍ଟି ଆଢୁଆଳରେ ପର୍ଯ୍ୟଟନ କ୍ଷେତ୍ର

ଜଗତ୍‌ସିଂହପୁର, ୧୮।୧୨ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲାରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ସରକାରଙ୍କ ପକ୍ଷରୁ ସେଭଳି ଆନ୍ତରିକତା ପ୍ରକାଶ ପାଉନାହିଁ। ଯେଉଁଥିପାଇଁ ଜିଲାକୁ ପର୍ଯ୍ୟଟକଙ୍କ ଆଗମନ କମୁଛି। ଧଳତଙ୍ଗଗଡ଼, ଶିଆଳି, କୁଞ୍ଜବିହାରୀ ମଠ, ରଘୁନାଥଜୀଉ ମନ୍ଦିର, ଗାରୋଇ, ଧାନକୁଦ, ବନ୍ଦର ଆଦିର ଉନ୍ନତିକରଣ ପାଇଁ ବର୍ଷାଧିକ କାଳ ହେବ ଦାବି ହୋଇଆସୁଛି। ଶାରଳା ମନ୍ଦିର ଓ ଗୋରେଖନାଥ ପୀଠର ବିକାଶ ପାଇଁ ପଦକ୍ଷେପ ନିଆଯାଇଥିଲେ ମଧ୍ୟ ତାହା ଆଶାନୁରୂପ କାର୍ଯ୍ୟ ହେଉନାହିଁ। ଏ ନେଇ ଜିଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ଅତୀତରେ ଏକାଧିକ ବାର ପ୍ରସ୍ତାବମାନ ଦିଆଯାଇଥିଲେ ସୁଦ୍ଧା ତାହା ବିଭାଗ ଫାଇଲ ତଳେ ଚାପି ହୋଇଯାଉଛି। ସରକାର ଏଥିପ୍ରତି ଦାୟିତ୍ୱବାନ ହେବାକୁ ସାଧାରଣରେ ଦାବି ହେଉଛି ।

ଜିଲା ମୁଖ୍ୟାଳୟରୁ ୧୫ କିଲୋମିଟର ଦୂର ଧଳତଙ୍ଗଗଡ଼ ଜଙ୍ଗଲକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଦିଆଯାଇଛି। ପ୍ରତିବର୍ଷ ଶୀତଦିନେ ଏହି ଜଙ୍ଗଲକୁ ଜିଲା ତଥା ବାହାରୁ ସହସ୍ରାଧିକ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। ହରିଣମାନଙ୍କ ଯୋଗୁ ଧଳତଙ୍ଗଗଡ଼ ଜଙ୍ଗଲର ସ୍ୱତନ୍ତ୍ରତା ଅଛି। କେବଳ ଏତିକି ନୁହେଁ, ଧଳତଙ୍ଗଗଡ଼ ସଂରକ୍ଷିତ ଜଙ୍ଗଲରେ ବହୁ ସଂଖ୍ୟକ ଜୀବଜନ୍ତୁ ସହ ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷ ମଧ୍ୟ ଦେଖିବାକୁ ମିଳେ। ଜଙ୍ଗଲ ପରିସରରେ ଧ୍ରୁବ ତପସ୍ୟା ସ୍ଥଳ ଧଉଳୀକୁଦ ଆଉ ଏକ ଆକର୍ଷଣ। ସେଠାରେ ଦିବାରାତ୍ର ଅଖଣ୍ଡ ଧୋନି ଦେଖିବାକୁ


ଧଳତଙ୍ଗଗଡ଼ ଜଙ୍ଗଲରେ ହରିଣ।




ମିଳେ। ଏହା ପାର୍ଶ୍ୱରେ ବନ ଦୁର୍ଗା ମନ୍ଦିର ରହିଛି। ଏସବୁକୁ ଦେଖି ବନ ବିଭାଗ ପକ୍ଷରୁ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ୨୦୧୫ ଫେବୃଆରୀରୁ ୨୧ ଲକ୍ଷ ଟଙ୍କା ବ୍ୟୟ ବରାଦରେ ଏକ ଇକୋ ଟ୍ୟୁରିଜମ୍ କେନ୍ଦ୍ର କାମ ଆରମ୍ଭ ହୋଇ ପ୍ରାୟ ୨ବର୍ଷ ପୂର୍ବରୁ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିଲା। ୧ ଏକର ଜମିରେ ୨ଟି ବିଶ୍ରାମ କକ୍ଷ, ୧୦ ଚେୟାର, ୧୧ ପିଣ୍ଡି, ଭିତର ରାସ୍ତା, ଶୌଚାଳୟ, ୨ଟି ରୋଷଘର କାମ ହୋଇଥିଲା। ଏଥିସହ ଘାସ ଗାଲିଚା, ୨ଟି ହରିଣ ମୂର୍ତ୍ତି ଏବଂ ଫୁଲ କୁଣ୍ଡିଆ ଆଦି ବ୍ୟବସ୍ଥା କରାଯାଇଥିଲା। ଗାଡ଼ି ରଖିବା ପାଇଁ କେବଳ ପାର୍କିଂ ଏବଂ ପିଣ୍ଡି ଆଦି କରାଯିବା ବାକି ଥିଲା। ଇକୋ ଟ୍ୟୁରିଜମ୍ କେନ୍ଦ୍ର ଆରମ୍ଭ ସମୟରେ ଲୋକଙ୍କୁ ବେସ୍ ଖୁସି ଲାଗିଥିଲା। କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଆବଶ୍ୟକ ମରାମତି ଓ ପୁନରୁଦ୍ଧାର ଅଭାବରୁ ଏହି ପରିସର ହରିଣ ମୂର୍ତ୍ତି ଭାଙ୍ଗିଯିବା ସାଙ୍ଗକୁ ଘାସ ଗାଲିଚା ଓ ଅନ୍ୟସବୁ ନଷ୍ଟ ହୋଇଗଲା। ଅନୁରୂପ ଭାବେ ଝଙ୍କଡସ୍ଥିତ ମା' ଶାରଳା

- ■ ଭାଙ୍ଗିରୁଜି ଯାଇଛି ଧଳତଙ୍ଗଗଡ଼ ଇକୋ ଟ୍ୟୁରିଜମ୍ କେନ୍ଦ୍ର କାମ
- ■ ଶାରଳା, ଖୋରେଖନାଥ, ଶିଆଳି, କୁଞ୍ଜବିହାରୀ ମଠ, ରଘୁନାଥଜୀଉ ମନ୍ଦିର, ଗାରୋଇ, ଧାନକୁଦ୍, ବନ୍ଦର ଆଦିର ଉନ୍ନତୀକରଣ ହେଉନି
- ■ ବର୍ଷାଧିକ କାଳ ହେବ ସ୍ଥାୟୀ ପର୍ଯ୍ୟଟନ ଅଧିକାରୀ ପଦ ଖାଲି

ପୀଠ, ପାରାଦୀପ ସମୁଦ୍ର ବେଳାଭୂମି, ସି ହାବୋର, ଗଡ଼କୁଜଙ୍ଗସ୍ଥିତ କୁଞ୍ଜବିହାରୀ ମଠ, ଶିଆଳି ସମୁଦ୍ର ବେଳାଭୂମି, ଚାନ୍ଦପୁର ରଘୁନାଥଜୀଉ ମନ୍ଦିର, ଜଗତ୍‌ସିଂହପୁର ଜିଲା ମୁଖ୍ୟାଳୟ ଆଦିକୁ ପର୍ଯ୍ୟଟନ କ୍ଷେତ୍ର ଭାବେ ଗ୍ରହଣ କରାଯାଇଛି। ଏଗୁଡିକ ମଧ୍ୟରୁ କୁଞ୍ଜବିହାରୀ ମଠ ପରିସରରେ ଥିବା ବିରାଟ ଜଗନ୍ନାଥ ମନ୍ଦିର ଜିଲାର ଏକ ଆକର୍ଷଣ ସାଜିଥିଲେ ସୁଦ୍ଧା ଏହାର ଉନ୍ନତିକରଣ କରାଯାଉନାହିଁ। ସେହିପରି ଶିଆଳି ସମୁଦ୍ର ବେଳାଭୂମିକୁ ଅନେକ ପର୍ଯ୍ୟଟକ ଯାଉଥିଲେ ସୁଦ୍ଧା ରାତି ରହଣି ପାଇଁ ପାନ୍ଥଶାଳା ନାହିଁ। କେବଳ ଲୋକଙ୍କ ପାଇଁ ପବ୍ଲିକ କନଭିନିଏନ୍ସ ସେଣ୍ଟର (ପିସିସି) ଅସ୍ଥାୟୀ ଭାବେ କରାଯାଇଛି। କିନ୍ତୁ ସୁରକ୍ଷା ଦୃଷ୍ଟିରୁ ଏକ ଫାଣ୍ଡି ପାଇଁ ପ୍ରସ୍ତାବ ଥିଲେ ମଧ୍ୟ କରାଯାଉନାହିଁ। ରଘୁନାଥଜୀଉ ମନ୍ଦିରର ଅନୁପମ କାରୁକାର୍ଯ୍ୟ ଲୋକଙ୍କୁ ଆକର୍ଷିତ କରିଥାଏ। ଏହି ବଡ଼ ମନ୍ଦିର ଭିତରେ ରାମ, ସୀତା, ଲକ୍ଷ୍ମଣ, ଚନ୍ଦ୍ରଶେଖର ସୁନ୍ଦର ମୂର୍ତ୍ତି ପୂଜା ପାଉଛନ୍ତି। କିନ୍ତୁ ଯାନବାହାନ ରଖିବା ପାଇଁ ସେଠାରେ ପାର୍କିଂ ସମସ୍ୟା ରହିଛି। ଏହାର ଉନ୍ନତିକରଣ ସମେତ ବିବାହ ମଣ୍ଡପ, ଛୋଟ ଛୋଟ ଦୋକାନ ଆଦି କରାଯିବା ଆବଶ୍ୟକ ରହିଛି। ଜଗତ୍‌ସିଂହପୁର ଜିଲା ମୁଖ୍ୟାଳୟରେ ସୋମନାଥ ମନ୍ଦିର ସହ ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି। କିନ୍ତୁ ଜିଲା ମୁଖ୍ୟାଳୟରେ ଜିଲାର ପର୍ଯ୍ୟଟନ ସ୍ଥଳର ଦୂରତା ଆଦି ଜାଣିବାକୁ ୱେ ଇଣ୍ଡିକେଟର ଆବଶ୍ୟକ ଥିବା ବେଳେ ତାହା ହୋଇନାହିଁ। ଏହାବାଦ୍ ମାଛଗାଁ ଗାରୋଇ ଚନ୍ଦନ ପୋଖରୀର ଉନ୍ନତିକରଣ ହେବା ଆବଶ୍ୟକ। ଏହି ପରିସରରେ ପାର୍କି, ଭୋଜନ ପାଇଁ ବ୍ୟବସ୍ଥା କରାଯିବା ଦରକାର। ପଞ୍ଚଶଖା ଧାନକୁଦ୍‌ରେ ପାର୍କି, ସୁରକ୍ଷା ପାଇଁ ପ୍ରାଚୀର ଓ ଅନ୍ୟ ପାଇଁ ଭାସିନିଟି ସେଣ୍ଟର, ପରିସ୍ରାଗାର ଆଦିର ଆବଶ୍ୟକତା ରହିଛି। ମରିଚିପୁର ବନ୍ଦରର ଉନ୍ନତିକରଣ ପାଇଁ ପୂର୍ବତନ ଜିଲାପାଳ ସତ୍ୟରଞ୍ଜନ ମଲିକ ଗୁରୁତ୍ୱାରୋପ କରିଥିଲେ। ସମୁଦ୍ର ପାର୍ଶ୍ୱରେ ପଥର ବନ୍ଧ, ସିମେଣ୍ଟ କଂକ୍ରିଟ ରାସ୍ତା, ଡଙ୍ଗା ଆଦିରେ ଯାତାୟାତ ପାଇଁ ଜେଟି, ବନ୍ଦରାଇ ଠାକୁରାଣୀ ମନ୍ଦିରର ଉନ୍ନତୀକରଣ, ପାଚେରୀ, ବ୍ରିଟିଶମାନଙ୍କ ପୋର୍ଟର ଭଗ୍ନାବଶେଷର ଉନ୍ନତି ଆଦି କରାଯିବାକୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ତାହା ଏଯାଏ କାର୍ଯ୍ୟକାରୀ ହେଲାନାହିଁ। ବାଲିଆ ଗୋପୀନାଥ ମନ୍ଦିରରେ ପୁରୁଣା କାରୁକାର୍ଯ୍ୟ ରହିଛି। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଏଏସ୍ଆଇ ବହନ କରୁଛି। ଗୋରେଖନାଥ, ବାଇଶି ମଉଜାର ଜଗନ୍ନାଥ ମନ୍ଦିର, ଶାଳିଜଙ୍ଗା ମଠ, ପଞ୍ଚୁପଲ୍ଲୀ, ଯଶୋବନ୍ତପୀଠ ଆଦିରେ ମଧ୍ୟ ଅନେକ କିଛି ଉନ୍ନତି କରାଯିବାର ଆବଶ୍ୟକତା ରହିଛି। ଏ ସମ୍ପର୍କରେ ଭାରପ୍ରାପ୍ତ ଜିଲା ପର୍ଯ୍ୟଟନ ଅଧିକାରୀ ସୁଜାତା ପଟ୍ଟନାୟକଙ୍କୁ ପଚାରିବାରୁ ବାସ୍ତବରେ ଜିଲାରେ ଅନେକ କିଛି କରାଯିବାର ଆବଶ୍ୟକତା ରହିଛି। କିନ୍ତୁ ସେ କଟକ ଜିଲା ପର୍ଯ୍ୟଟନ ଅଧିକାରୀ ଭାବେ ପୂର୍ଣ୍ଣ ଦାୟିତ୍ୱରେ ଥିବାରୁ କିଛି କରିପାରୁନାହାନ୍ତି। ଜଗତ୍‌ସିଂହପୁର ଜିଲା ପର୍ଯ୍ୟଟନ କ୍ଷେତ୍ରର ଉନ୍ନତି କେବଳ ଜଣେ ସ୍ଥାୟୀ ପର୍ଯ୍ୟଟନ ଅଧିକାରୀ ପଦବୀ ପୂରଣ ଦ୍ୱାରା ହିଁ ସମ୍ଭବ ହୋଇପାରିବ।

## ଗୋରେଖନାଥଙ୍କ ହୁଣ୍ଡିରୁ ୧୧ ଲକ୍ଷ ୩୦ ହଜାର ୫ ଶହ ଟଙ୍କା ଆୟ


ଗୋରେଖନାଥଙ୍କ ହୁଣ୍ଡି ଟଙ୍କା ଗଣା ଯାଉଛି।

ରଘୁନାଥପୁର, ୧୮।୧୨(ରାଜେନ୍ଦ୍ର ନାରାୟଣ ସିଂହ)

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ କେରେକରାସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥଙ୍କ ହୁଣ୍ଡିରୁ ବୁଧବାର ପ୍ରଥମ ଦିନ ଗଣତିରେ ୧୧ ଲକ୍ଷ ୩୦ ହଜାର ୫ ଶହ ଟଙ୍କା ଆୟ ହୋଇଛି। ଦୀର୍ଘ ୬ ମାସର ବ୍ୟବଧାନ ପରେ ପ୍ରଭୁଙ୍କ ସମ୍ମୁଖରେ ଥିବା ହୁଣ୍ଡି ଖୋଲାଯାଇ ଗଣତି କରାଯାଇଥିଲା। ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟରଞ୍ଜନ ପରିଜା, ଏଣ୍ଡାଓମେଣ୍ଟ ଇନ୍ସପେକ୍ଟର ପ୍ରଦୀପ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଗଣତି କାର୍ଯ୍ୟ ଅନୁଷ୍ଠିତ ହୋଇଥଲା। ଗଣତିରେ ଜିଲାପାଳଙ୍କ କାର୍ଯ୍ୟାଳୟ କର୍ମଚାରୀ, ରଘୁନାଥପୁର ତହସିଲ କର୍ମଚାରୀ, ବ୍ୟାଙ୍କ କର୍ମଚାରୀ ସାମିଲ ହୋଇଥିଲେ। ତିର୍ତ୍ତୋଲ ଥାନା ପୋଲିସ ଗଣତି ବେଳେ ଉପସ୍ଥିତ ଥିଲେ। ପୀଠ କିରାଣି ସରୋଜ କୁମାର ସାହାଣୀଙ୍କ ସହ ସମସ୍ତ କର୍ମଚାରୀ ଓ ଗ୍ରାମ୍ୟ କମିଟି ମେମ୍ବର ପ୍ରମୋଦ କୁମାର ମହାନ୍ତି ଏଥିରେ ସହଯୋଗ କରିଥିଲେ।

## ଆଜିର ଶିଶୁ ଆସନ୍ତାକାଲିର ମହକ




ନାଉଗାଁ,୧୮।୧୨(ସୁଧା ବେହୁରା)

### ଓଷ୍ଟାର ବ୍ଲକସ୍ତରୀୟ ଶିଶୁ ଉତ୍ସବ

ନାଉଗାଁ ବ୍ଲକ ଗାରୋଇସ୍ଥିତ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ତରଫରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବାବା ଶ୍ରୀଆଦିତ୍ୟ ନାରାୟଣ ଦାସଙ୍କ ଉଦ୍‌ଘାଟନ କରିଛନ୍ତି। ସଂଘର ସଭାପତି ସୁକାନ୍ତ କୁମାର ଲେଙ୍କାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାଉଗାଁ ବିଇଓ କୈଳାସ ଚନ୍ଦ୍ର ପାଢୀ ଯୋଗଦେଇ ଆଜିର ଶିଶୁ ଆସନ୍ତାକାଲିର ମହକ, ତେଣୁ ତାଙ୍କ ଅନ୍ତର୍ନିହିତ ପ୍ରତିଭାର ଆବିଷ୍କାର ପାଇଁ ପ୍ରତିଯୋଗିତା ଏକ ବଳିଷ୍ଠ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଜଗତ୍‌ସିଂହପୁର ଜିଲା ଓଷ୍ଟାର ପୂର୍ବତନ ସଭାପତି ନିରଞ୍ଜନ ମହାନ୍ତି, ସମ୍ମାନିତ ଅତିଥି ଭାବେ ନିତ୍ୟାନନ୍ଦ ଜେନା, ବିଜୟ କୁମାର ସ୍ୱାଇଁ, ପ୍ରଭାତ କୁମାର ସ୍ୱାଇଁ ଓ ଆଲୁମିନି କମିଟିର ସଭାପତି ପବିତ୍ର କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଶିଶୁ ଉତ୍ସବ ଉପରେ ଆଲୋକପାତ କରିଥିଲେ। ସଂଘର ସମ୍ପାଦକ ହିମାଂଶୁ କୁମାର ମହାନ୍ତି ଶିଶୁ ଉତ୍ସବର ଆଭିମୁଖ୍ୟ ଉପରେ ମତ ରଖିଥିବା ବେଳେ ଜିଲା ଓଷ୍ଟାର କାର୍ଯ୍ୟକାରୀ ସଭାପତି ଅମୂଲ୍ୟ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସେହିପରି ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାରାଦୀପ ପୋର୍ଟ ଟ୍ରଷ୍ଟର ପୂର୍ବତନ ଟ୍ରଷ୍ଟି ପ୍ରତାପ କୁମାର ମିଶ୍ର, ମୁଖ୍ୟବକ୍ତା ଭାବେ ଜିଲା ଓଷ୍ଟାର ସଭାପତି ନାରାୟଣ ଚନ୍ଦ୍ର ସାହୁ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଶିଶୁ ଉତ୍ସବରେ ବିଜୟ କୁମାର ସ୍ୱାଇଁ, ରାମଚନ୍ଦ୍ର ମୁଦୁଲି, ବସନ୍ତ କୁମାର ସ୍ୱାଇଁ, ଶୁଭସ୍ମିତା ସାହୁ, ରିଙ୍କିଲତା ଜେନା, ବିଶ୍ୱଜିତ ବିଶ୍ୱାଳ, ସନ୍ତୋଷ କୁମାର ଦାସ, ଆଦର୍ଶ କୁମାର ଦାସ, ଅଶୋକ କୁମାର ଫାରକ, ସନ୍ତୋଷ କୁମାର ପରିଡା, ଅମୀୟ କୁମାର ମହାପାତ୍ର ଆଦି ବିଚାରକ ଭାବେ ରହିଥିବା ବେଳେ ପବିତ୍ର କୁମାର ସ୍ୱାଇଁ, ଚିନ୍ମୟ କୁମାର ଜେନା, ଦିବ୍ୟବ୍ରତ ବିଶ୍ୱାଳ ଆଦି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ। ଏହି ଅବସରରେ ବ୍ଲକର ୧୭ଟି ବିଦ୍ୟାଳୟରୁ ୩୧୧ଜଣ ପ୍ରତିଯୋଗୀ ତର୍କ, ସଙ୍ଗୀତ, ଚିତ୍ରାଙ୍କନ, ଆବୃତ୍ତି, ଗଳ୍ପ ଲିଖନ, କବିତା ଲିଖନ, ଏକକ ଅଭିନୟ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବ୍ଲକସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀମାନେ ଜିଲାସ୍ତରୀୟ ଶିଶୁ ଉତ୍ସବରେ ଅଂଶଗ୍ରହଣ କରିବେ ବୋଲି ସଂଘ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଶିକ୍ଷକ ବଦଳି ଆଦେଶ ପ୍ରତ୍ୟାହର ଦାବି

ବାଲିକୁଦା୧୮।୧୨(ତାପସ ସ୍ୱାଇଁ)

ଶିକ୍ଷକ ବଦଳି ଆଦେଶ ପ୍ରତ୍ୟାହର ପାଇଁ ବୋରିକିନା ପଞ୍ଚାୟତର ଓଲାଷ ଉପ୍ରା ବିଦ୍ୟାଳୟର ଛାତ୍ର ଅଭିଭାବକ ଦାବି ଉଠାଇଛନ୍ତି। ବଦଳି ଆଦେଶ ପ୍ରତ୍ୟାହର କରା ନ ଗଲେ ବିଦ୍ୟାଳୟ ଫାଟକରେ ତାଲା ପଡ଼ିବ ବୋଲି ଚେତାବନୀ ଅଭିଭାବକ ମଣ୍ଡଳୀ ଦେଇଛନ୍ତି।

ମିଳିଥିବା ସୂଚନା ମୁତାବକ, ଏହି ବିଦ୍ୟାଳୟରେ ପୂର୍ବରୁ ଥିବା ଶିକ୍ଷୟିତ୍ରୀ ମନୋସ୍ୱିନୀ ମହାନ୍ତି ଥରକୁ ଥର ବାରମ୍ବାର ମାସ ମାସ ଧରି ଛୁଟିରେ ରହିବାରୁ ଏଠାରେ ବିଜ୍ଞାନ ସମେତ ଗଣିତ ପାଠ ପଢ଼ାରେ ସମସ୍ୟା ଲାଗି ରହିବାରୁ ଗାଁ ଲୋକେ ବହୁ ଚେଷ୍ଟ କରି ସଞ୍ଜୟ ରାଉତ ନାମକ ଜଣେ ଶିକ୍ଷକଙ୍କୁ ଏଠାକୁ ବଦଳି କରି ଆଣିଥିଲେ। ଯାହା ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶମତେ ହୋଇଥିଲା। ଅକ୍ଟୋବର ୨୧ରେ ସେ ଏଠାରେ ଯୋଗଦେଇ ପାଠ ପଢ଼ାକୁ ଆଗେଇ ନେଇଥିଲେ। ହେଲେ ରାଉତ ଏଠାରେ ଯୋଗଦେଇଥିବା ଜାଣି ପୂର୍ବରୁ ଥିବା ଶିକ୍ଷୟିତ୍ରୀ ମହାନ୍ତି ନଭେମ୍ବର ୨୨ରେ ଆସି ଯୋଗଦେଇଛନ୍ତି। ଫଳରେ ଏଠାରେ ଗୋଟିଏ ବିଭାଗରେ ଦୁଇ ଜଣ ଶିକ୍ଷକ ହୋଇଛନ୍ତି। ଅବଶ୍ୟ ଛାତ୍ରାନୁପାତରେ ଶିକ୍ଷକ ନିଯୁକ୍ତିର ବ୍ୟବସ୍ଥାରେ ସିନିୟର ମୋଷ୍ଟ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯିବା କଥା। ମାତ୍ର ଏଠି ବ୍ୟତିକ୍ରମ କରାଯାଇ କେଉଁ ନିୟମ ଆଧାରରେ ମାତ୍ର ଦୁଇ ମାସ ତଳେ ଏଠାରେ ଯୋଗ ଦେଇଥିବା ସର୍ବ କନିଷ୍ଠ ଶିକ୍ଷକ ରାଉତଙ୍କୁ ଅନ୍ୟତ୍ର ବଦଳି କରି ନିଆଯାଇଛି ତାହା ଏଠି ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ବିଇଓ ବିଜୟ ସ୍ୱାଇଁଙ୍କୁ ପଚାରିବାରୁ ଅନ୍ୟ ଯେଉଁ ସ୍କୁଲରେ ବିଜ୍ଞାନ ଶିକ୍ଷକ ନାହାନ୍ତି ସେଠାକୁ ରାଉତଙ୍କୁ ପଠାଯାଇଛି ବୋଲି ସେ କହିଛନ୍ତି।

## ପାରାଦୀପ, ଲାଗୁ ହେଲା ଯୁଗ୍ମ ଅଯୁଗ୍ମ ଜଳ ଯୋଗାଣ

- ■ ତାଳଦଣ୍ଡା କେନାଲ ନବୀକରଣ ପାଇଁ ଏପରି କରାଯାଇଛି ଘୋଷଣା
- ■ ୧୧ ବର୍ଷ ହେଲା ଏମିତି ଚାଲିଛି
- ■ ଶୀତ ଦିନରୁ ଜଳାଭାବ

ପାରାଦୀପ,୧୮।୧୨(ଶରତ ରାଉତ)


ତାଳଦଣ୍ଡା କେନାଲରେ ଜଳସ୍ତର ହ୍ରାସ ପାଇବାରେ ଲାଗିଛି।

ପାରାଦୀପ ବନ୍ଦର ସହରରେ ରହୁଥିବା ଲୋକଙ୍କ ପାଇଁ ପୁଣି ସେହି ପାନୀୟ ଜଳ ସମସ୍ୟା ବୁଧବାରଠାରୁ ଆରମ୍ଭ ହୋଇଛି। କାରଣ ପାରାଦୀପ ବନ୍ଦର ପକ୍ଷରୁ କରାଯାଉଥିବା ଦିନକୁ ୨ଥର ଜଳ ଯୋଗାଣ ଉପରେ ଅଙ୍କୁଶ ଲଗାଯାଇଛି। ଯୁଗ୍ମ ଅଯୁଗ୍ମ ଭାବେ ଜଳଯୋଗାଣ କରାଯାଇଛି। ଏ ନେଇ ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ଜରିଆରେ ବନ୍ଦରାଞ୍ଚଳର ଲୋକଙ୍କୁ ଅବଗତ କରାଯାଇଛି। ଏଥିରେ କୁହାଯାଇଛି ଯେ, ଓଡ଼ିଶା ସରକାରଙ୍କ ଜଳସେଚନ ବିଭାଗର ତାଳଦଣ୍ଡା କେନାଲ ନବୀକରଣ ଯୋଗୁ ଜଳଯୋଗାଣ ବ୍ୟାହତ ହୋଇଛି। ସେଥିପାଇଁ ଜଳ ବ୍ୟବହାର ଉପରେ ପ୍ରଶାସନକୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ଯୁଗ୍ମ ଅଯୁଗ୍ମ ଜଳ ଯୋଗାଣ ହେଲା ଗୋଟିଏ ଦିନ ଥରେ ଅଧଘଣ୍ଟା ଜଳ ଯୋଗାଣ ଓ ପରଦିନ ଦୁଇଥର ଯୋଗାଣ। ଏଭଳି ପ୍ରକ୍ରିୟା ୨୦୧୩ମସିହାରୁ ଲାଗି ରହିଛି। ପ୍ରତିବର୍ଷ ଜାନୁଆରୀରୁ ଏହା କରାଯାଉଥିଲା। ଏ ବର୍ଷ ଡିସେମ୍ବର ଅଧାରୁ ଲାଗୁ ହେଲାଣି। ଏପରି ଜଳ କଟକଣା ଯୋଗୁ ଅନେକ ପରିବାର ହଇରାଣ ହେଉଥିବା ଜଣାଯାଏ।

ସୂଚନାଯୋଗ୍ୟ, ତାଳଦଣ୍ଡା କେନାଲ ନବୀକରଣ କାମ ବର୍ଷରେ ୬ମାସ ହେଉଛି। କଟକ ଯୋବ୍ରାଠାରୁ ପାରାଦୀପ ଅଠରବାଙ୍କି ପର୍ଯ୍ୟନ୍ତ ୯୦କି.ମି. କେନାଲ କାମ ଏ ପର୍ଯ୍ୟନ୍ତ ଶେଷ ହୋଇପାରୁନାହିଁ। ଅପରପକ୍ଷେ ମହାନଦୀରେ ଜଳ ଧାରଣ ହ୍ରାସ ପାଉଛି। ଯେଉଁଥିପାଇଁ ଏପରି ଜଳାଭାବ ଲାଗି ରହୁଛି। ପୂର୍ବର ବିଜେଡି ସରକାର ଗତବର୍ଷ ଘୋଷଣା କରିଥିଲେ ଭୂତମୁଣ୍ଡାଇଠାରେ ଆନିକଟ କରିବେ। ସରକାର ବଦଳିବା ପରେ ତାହା ଆଉ ଚର୍ଚ୍ଚା ହେଉନାହିଁ। ପାରାଦୀପ ବନ୍ଦର କଟକରୁ ତାଳଦଣ୍ଡା କେନାଲ ଦେଇ ପାଣି ଆଣିଥାଏ। ଅଠରବାଙ୍କିଠାରେ ଥିବା ୧୭୫ ଏକର ବିଶିଷ୍ଟ ଜଳାଶୟ ମଧ୍ୟରେ ଗଚ୍ଛିତ ରଖିଥାଏ। ଉକ୍ତ ଜଳାଶୟ ଆରମ୍ଭରେ ୧୩ ଫୁଟ ଗଭୀର ଥିଲା। ସେଥିରେ ରହୁଥିବା ପାଣି ୬ ମାସ ଚଳି ଯାଉଥିଲା। ସମୟକ୍ରମେ ତାହା ପୋତି ହୋଇ ୪ ଫୁଟ ହେଲାଣି। ଖୋଳିବା ପାଇଁ ଯେତେବେଳେ ପ୍ରୟାସ କରାଯାଇଛି ତାହା ବିଫଳ ରହିଛି। ବନ୍ଦର ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ କୁହନ୍ତି, ଖୋଳିଲେ ଲୁଣିଆ ପାଣି ବାହାରି ଯିବ ବୋଲି ଅନୁଧ୍ୟାନ ବେଳେ ଜଣାପଡିଛି। ସେଥିପାଇଁ ଆଉ ଖୋଳା ଯାଉନାହିଁ। ବିକଳ୍ପ ପନ୍ଥା ପାଇପଲାଇନ ଯୋଗେ ପାଣି ଆଣିବା ପାଇଁ ଯୋଜନା ରହିଛି।

## ମୌଳିକତା ସୃଜନଶୀଳତା ନାଟକରେ ରହିବା ଜରୁରୀ



ନାଟ୍ୟକାର ସମ୍ମେଳନରେ ମଞ୍ଚାସୀନ ଅତିଥି।

ପାରାଦୀପ, ୧୮।୧୨(ଶରତ ରାଉତ)

### ଓଡ଼ିଆ ନାଟ୍ୟକାର ସମ୍ମେଳନ

ଜାତୀୟ ନାଟ୍ୟ ଅନୁଷ୍ଠାନ କାନମାସ ପକ୍ଷରୁ ଚାଲିଥିବା ସପ୍ତମ ଓଡ଼ିଆ ନାଟକ ସମ୍ମେଳନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ସ୍ଥାନୀୟ ଗଲ୍ପ ପଢ଼ିଆରେ ନାଟକ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏଥିରେ ରାଜ୍ୟର ପ୍ରତିଷ୍ଠିତ ନାଟ୍ୟକାର, ନିର୍ଦ୍ଦେଶକମାନେ ସାମିଲ ହୋଇଥିଲେ। ପର୍ଯ୍ୟାୟକ୍ରମେ ନାଟକର ବିଭିନ୍ନ ଦିଗ ଉପରେ ସମୀକ୍ଷା କରିଥିଲେ। ପ୍ରଫେସର ସତ୍ୟବ୍ରତ ରାଉତ, ସୀତେଶ ତ୍ରିପାଠୀ, ମିହିର କୁମାର ମେହେର, ଶ୍ରୀମନ ନାରାୟଣ ମିଶ୍ର ସମେତ ବହୁ ନାଟ୍ୟକାର ବିଷୟବସ୍ତୁ ଉପରେ ସମୀକ୍ଷା କରିଥିଲେ। ନାଟ୍ୟକାର ମେହେର କହିଥିଲେ ନାଟକରେ ମୌଳିକତା ଓ ସୃଜନଶୀଳତା ରହିଲେ ତାହା ଦର୍ଶକଙ୍କ ଦ୍ୱାରା ଆଦୃତି ପାଇବ। ସନ୍ଧ୍ୟାରେ ଜୟଦେବ ଭବନରେ ଇଣ୍ଟରନ୍ୟାଶନାଲ ଥିଏଟର ଦ୍ୱାରା ନାଟକ ଆଗାମୀ ମଞ୍ଚସ୍ଥ ହୋଇଥିଲା।

## ନାଉଗାଁରେ ଶ୍ରୀଜଗନ୍ନାଥ ରଥ ପରିକ୍ରମାରେ ବ୍ୟାପକ ଦୁର୍ନୀତି ଅଭିଯୋଗ

ନାଉଗାଁ,୧୮।୧୨(ସୁଧା ବେହୁରା)

ନାଉଗାଁ ବ୍ଲକରେ ଶ୍ରୀଜଗନ୍ନାଥ ରଥ ପରିକ୍ରମାରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ସମିତିସଭ୍ୟମାନଙ୍କ ପକ୍ଷରୁ ଜିଲାପାଳଙ୍କୁ ବୁଧବାର ଅଭିଯୋଗ କରାଯାଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ୭ଦିନ ମଧ୍ୟରେ କରା ନ ଗଲେ ଧାରଣରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଘୋଡାଂଶ ସମିତି ସଭ୍ୟ ତରୁଣକାନ୍ତ ବାରିକ, ତିରୁଣାର ଲକ୍ଷ୍ମୀପ୍ରିୟା ପରିଡା, ନାଉଗାଁରୁ ମାନସୀ ଲେଙ୍କା, ଡାବରରୁ ସୁବଳ ବେହେରା, ବାଛାଳୋରୁ ଚନ୍ଦନ ଲେଙ୍କା ଆଦିଙ୍କ ସ୍ୱାକ୍ଷରରେ ଅଭିଯୋଗ ପତ୍ର ପ୍ରଦାନ କରାଯାଇଛି। ଅଭିଯୋଗ ମୁତାବକ, ଶ୍ରୀଜଗନ୍ନାଥଙ୍କ ପରିକ୍ରମା ରଥ ବାବଦରେ ବ୍ଲକକୁ ଆସିଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ହଜାର ହଜାର ଟଙ୍କା ମିଥ୍ୟା ଭାଉଚର କରାଯାଇ ଟଙ୍କା ହଡପ କରାଯାଇଛି। ସରପଞ୍ଚ ଅବା ପଞ୍ଚାୟତକୁ ୫୦ହଜାର ଅର୍ଥ ପଠାଇ ତାଙ୍କ ଠାରୁ ୫୦ହଜାର ଟଙ୍କା ଫେରସ୍ତ ଆଣି ମିଥ୍ୟା ଭାଉଚର କରି ଲକ୍ଷାଧିକ ଟଙ୍କା ହଡ଼ପ କରାଯାଇଛି। ଏତଦ୍ ବ୍ୟତିତ ସରକାରଙ୍କ ଉନ୍ନତି ମୂଳକ କାର୍ଯ୍ୟଗୁଡିକ ଲୋକଙ୍କ ଦ୍ୱାରା କରାଯାଇ ତାଙ୍କ ବିଲ୍ ପେମେଣ୍ଟ କରାଇବା ପାଇଁ ମୋଟା ଅଙ୍କର ଅର୍ଥ ହଡ଼ପ କରାଯାଉଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ସମ୍ପର୍କରେ ନାଉଗାଁ ବିଡିଓ ତପନ କୁମାର ମହାପାତ୍ରଙ୍କ ମତାମତ ନେବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ।

## ବିଲୁପ୍ତପ୍ରାୟ ଦେଶୀ ଧାନ ବିହନକୁ ବଞ୍ଚାଇ ରଖିବା ପ୍ରୟାସ

ରଘୁନାଥପୁର, ୧୮।୧୨
(ରାଜେନ୍ଦ୍ର ନାରାୟଣ ସିଂହ)

- ■ କୃଷିସଂସ୍ଥା ଲାଲ୍ ଦ୍ୱାରା ୨୦ ବର୍ଷ ଧରି ଜାରି ରହିଛି ବିଶୁଦ୍ଧତା କାର୍ଯ୍ୟ
- ■ ଲକ୍ଷ୍ୟ ଗୁଣାତ୍ମକ ମାନ, ଅମଳ ବୃଦ୍ଧି
- ■ ୭ଟି ଧାନ କିସମକୁ ଟ୍ରୁ ବ୍ରିଡର ପ୍ରମାଣପତ୍ର
- ■ ରାଜ୍ୟର ୧୫୫୮ ଚାଷୀ ପ୍ରତ୍ୟକ୍ଷରେ ଉପକୃତ



କୃଷି ଓ କୃଷକଙ୍କ ପାଇଁ କାର୍ଯ୍ୟ କରି ଆସୁଥିବା ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ରେଡୁଆ ନୂଆଗଡ଼ସ୍ଥିତ ଚାଷୀ ଭିତ୍ତିକ ସଂସ୍ଥା ଲାଲ୍ (ଲିଭ୍ ଆଣ୍ଡ ଲେଟ୍ ଲିଭ୍) ବିଲୁପ୍ତପ୍ରାୟ ଦେଶୀ ଧାନ ବିହନକୁ ବଞ୍ଚାଇ ରଖିବାର ପ୍ରୟାସ ଜାରି ରଖିଛି। ୨୦ବର୍ଷ ଧରି ଉକ୍ତ ସଂସ୍ଥା ଧାନର ଗୁଣାତ୍ମକ ମାନ ଓ ଅଧିକ ଅମଳକ୍ଷମ ଲକ୍ଷ୍ୟରେ ଚାଷୀଙ୍କ ଜରିଆରେ ଉନ୍ନତ ଜ୍ଞାନକୌଶଳ ସହ ଏହାର ପିଓର ଲାଇନ କାର୍ଯ୍ୟ ହାତକୁ ନେଇଛି। ୨୦୧୭ ମସିହାରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଡ. ଦୟାନିଧି ମିଶ୍ରଙ୍କ ମାର୍ଗଦର୍ଶନରେ ୭ ପ୍ରଜାତିର ଧାନ ବିହନକୁ ୭ ଜଣ ଚାଷୀଙ୍କ ନାମରେ ଭାରତ ସରକାରଙ୍କ ପ୍ଲାଣ୍ଟ ଭେରାଇଟି ରେଜେଷ୍ଟ୍ରି ବିଭାଗକୁ ପରୀକ୍ଷଣ ପାଇଁ ପଠାଯାଇଥିଲା। ଦୀର୍ଘ ୫ବର୍ଷ କାଳ ଭାରତ ବର୍ଷର ବିଭିନ୍ନ ଫାର୍ମରେ ଉକ୍ତ ଧାନ ବିହନ ପରୀକ୍ଷଣ ହେବା ପରେ ପ୍ଲାଣ୍ଟ ଭେରାଇଟି ରେଜେଷ୍ଟ୍ରି ବିଭାଗ ପକ୍ଷରୁ ୭ ଜଣ ଚାଷୀଙ୍କୁ ଟ୍ରୁ ବିଡର ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

ଏ ସମ୍ପର୍କରେ ଲାଲ୍‌ର ସମ୍ପାଦକ ତଥା କୃଷିବିତ୍ କ୍ଷେତ୍ରମୋହନ ବେହେରା କହିଛନ୍ତି, ପ୍ରାକୃତିକ ବିପର୍ଯ୍ୟୟ ବନ୍ୟା, ବାତ୍ୟା ଯୋଗୁ ଦେଶୀ ଧାନ ବିହନର ଅଭାବ ପରିଲକ୍ଷିତ ହେଉଥିଲା। ୨୦୦୪ ଏପ୍ରିଲ ୨୪ରେ ଏକ କୃଷକ ସମାବେଶରେ ରେଡୁଆ ଅଞ୍ଚଳର ଚାଷୀ ବ୍ରହ୍ମାନନ୍ଦ ପାତ୍ର, ଗନ୍ଧର୍ବ ବେହେରା, ନଟବର ବାରିକ ଓ ଫକୀର ଚନ୍ଦ୍ର ସ୍ୱାଇଁ ୧୫ ପ୍ରଜାତିର ଦେଶୀ ଧାନ ବିହନ ଲାଲ ସଂସ୍ଥାକୁ ଦାନ କରିଥିଲେ। ଏହାକୁ ସାଇତି ରଖିବା ପାଇଁ ସେମାନେ ଅନୁରୋଧ କରିଥିଲେ। ସେମାନେ ଦାନ କରିଥିବା କଟକୀଚାନ୍ଦି, ବାରଶ ବୟାଳିଶି, ବୁଢ଼ାମଣ୍ଡା, କଦଳିଆଚମ୍ପା, ମୟୂରକଣ୍ଠ, ସରୁଚିନା, ରାବେଣା, ବାଦଶାଭୋଗ, ଧୁସୁରା, ସୀତାଭୋଗ, ପିମ୍ପୁଡ଼ିବାସ, କଳାଜିରା, ରତ୍ନମେଣ୍ଟି, କୁବେର, ବାସନା ଧାନ, ଜଳପରି ଓ କଳାମଣି ଧାନ ଚାଷ କରିବା ବ୍ୟୟସାପେକ୍ଷ ହୋଇଥିବାବେଳେ ଅମଳ ମଧ୍ୟ ବହୁତ କମ୍ ଥିଲା। ଏହାର ବିଶୁଦ୍ଧତା ପରୀକ୍ଷା କାର୍ଯ୍ୟ ଠିକ୍ ଭାବେ କରିବା ପାଇଁ କୃଷି ବୈଜ୍ଞାନିକ ହରିଶ ଚନ୍ଦ୍ର ଭୂୟାଁ, ଡ. କାର୍ତ୍ତିକ ଚନ୍ଦ୍ର ସାହୁ, ରମେଶ ଚନ୍ଦ୍ର ଦାସ, ଏକାଦଶୀ ନନ୍ଦୀ ଓ ମୋହିନୀ ମୋହନ ମିଶ୍ର ସହଯୋଗର ହାତ ବଢ଼ାଇଥିଲେ। ଏମାନଙ୍କ ମାର୍ଗଦର୍ଶନରେ ଦେଶୀ ଧାନକେଣ୍ଡାରୁ ଧାନ ଚୟନ କରି ସେହି ଧାନର ଗୁଣାତ୍ମକ ମାନ ଓ ଅମଳ ବୃଦ୍ଧି କରିବାକୁ ଚାଷୀମାନଙ୍କ ଦ୍ୱାରା ପିଓର୍ ଲାଇନ କାର୍ଯ୍ୟ ଆରମ୍ଭ କରାଗଲା। ୨୦୦୮ ମସିହାରେ କୋରାପୁଟ, ଜୟପୁର, ଏରସମା, ରାଜନଗର, କୁଡିଣ୍ଡା ଓ ବାଲିଆପାଳ ଅଞ୍ଚଳରୁ କୁଜି ପାଟେଳି, ବାଉଁଶକଣ୍ଟା, ମାଛକଣ୍ଟା, ରାହାସ ପଞ୍ଜର, ଭଣ୍ଡି, ମାଳବତୀ, ଲଙ୍ଗଳମୁଣ୍ଡା ଓ ଭାଲୁକି ପରି ୧୬ଟିପ୍ରଜାତିର ଦେଶୀ ଧାନ ଅଣାଯାଇ ଏହାର ପିଓର ଲାଇନ କାର୍ଯ୍ୟ ଜାରି ରହିଛି। ଏହାର କାର୍ଯ୍ୟଭାର ସଙ୍ଗଠନର କର୍ମକର୍ତ୍ତା ଅବନୀ ବେହେରାଙ୍କ ଉପରେ ନ୍ୟସ୍ତ ରହିଛି। ଏହି ଦେଶୀଧାନ ପିଅର ଲାଇନ କାର୍ଯ୍ୟ ଆଇଆର୍‌ଆର୍‌ଆଇର ପରାମର୍ଶଦାତା ଡ. ସତ୍ୟରଞ୍ଜନ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଛି ଏବଂ ପ୍ଲାଣ୍ଟ ବ୍ରିଡର୍ କୌସ୍ତୁଭ ବେହେରା ଏହି କାର୍ଯ୍ୟ ଦେଖୁଛନ୍ତି। ସରକାରଙ୍କ ପକ୍ଷରୁ ଟ୍ରୁ ବିଡର ପ୍ରାପ୍ତ ୭ ନୂତନ ଦେଶୀ ଧାନ ବିହନ ଯଥା କ୍ଷେତ୍ରମୋହନ ବେହେରାଙ୍କ ଲାଲ୍ କୁବେର, କାଦମ୍ବିନୀ ବେହେରାଙ୍କ ଲାଲ୍ ବାସନା, ସୁଦ୍ଧି ରଞ୍ଜନ ବାରିକଙ୍କ ଲାଲ୍ ମଣି, କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କ ଲାଲ୍ ପରି, ଅଶୋକ ବାରିକଙ୍କ ରତ୍ନମେଣ୍ଟି, ଅବନୀ ବେହେରାଙ୍କ ଲାଲ୍ ୧୩ ଓ ବିଜୟ ପାତ୍ରଙ୍କ ଲାଲ୍ ୫ ଓଡ଼ିଶା ଓ ଅନ୍ୟ କେତେକ ପଡୋଶୀ ରାଜ୍ୟରେ ସଫଳତାର ସହ ଚାଷ କରାଯାଉଛି। ରାଜ୍ୟରେ ୧୫୫୮ଜଣ ଚାଷୀ ଲାଲ୍ ସଂସ୍ଥା ସହ ଯୋଡ଼ି ହୋଇ ପ୍ରତ୍ୟକ୍ଷ ଭାବେ ଉପକୃତ ହେଉଛନ୍ତି। ଏହାଛଡ଼ା ଏହି କାର୍ଯ୍ୟ ଦେଖିବାକୁ ପ୍ରତିବର୍ଷ ସରକାରଙ୍କ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ସୋଆର ଛାତ୍ରୀଛାତ୍ରମାନେ ଜ୍ଞାନ ଆହରଣ ପାଇଁ ଲାଲ୍ ଫାର୍ମକୁ ଆସୁଛନ୍ତି। ଏଥିସହ କୋଲକାତା, ଆସାମ, ଆନ୍ଧ୍ରପ୍ରଦେଶ ଓ କଶ୍ମୀର ରାଜ୍ୟ ସରକାରଙ୍କ ନାବାର୍ଡ ଅଧିକାରୀ ଓ କ୍ଷେତ୍ର କର୍ମଚାରୀ, ଚାଷୀ ଓ ସରକାରୀ ଅଧିକାରୀମାନେ ପ୍ରଶିକ୍ଷଣ ନେବା ପାଇଁ ଏହି ଫାର୍ମକୁ ଆସୁଛନ୍ତି। ଏ ସମ୍ପର୍କରେ ଚାଷୀ ଅବନୀ ବେହେରା କହିଛନ୍ତି, ହଜାର ହଜାର ଚାଷୀଙ୍କୁ ଦେଶୀ ଧାନ ବିହନ ଯୋଗାଇ ଆମ ଶ୍ରମ ସାର୍ଥକ ହୋଇଛି। ସେହିପରି ଦେଶୀ ଧାନ ବିହନକୁ ବର୍ଷ ବର୍ଷ ଧରି ବଞ୍ଚାଇ ରଖିବା କଷ୍ଟସାଧ ହେଲେ ବି ସଫଳତାର ସହ ଆମେ ପିଅର ଲାଇନ ମାଧ୍ୟମରେ ଏହା କରିପାରୁଛୁ ବୋଲି ଚାଷୀ ଅଶୋକ କୁମାର ବାରିକ କହିଛନ୍ତି।

# ବିଶ୍ୱାବସୁଙ୍କ ପୀଠରେ ଧନୁଯାତ୍ରା ମହୋତ୍ସବ

ଖଣ୍ଡପଡ଼ା,୧୮।୧୨
(ଅଜୟ କୁମାର ମହାରଣା)

ଭାପୁର ବ୍ଲକ୍ ଧାନଚେଙ୍ଗଡା ପଞ୍ଚାୟତ ଅଧୀନ ଧାଙ୍ଗେଡି ପାହାଡ଼ ବିଶ୍ୱାବସୁ ପୀଠରେ ପ୍ରଭୁ ଶ୍ରୀଲଳିତ ମାଧବ(ବିଷ୍ଣୁ)ଙ୍କ ୨୮ତମ ଧନୁଯାତ୍ରା ମହୋତ୍ସବ ସୋମବାର ଧନୁସଂକ୍ରାନ୍ତୀ ଅବସରରେ ପାଳିତ ହୋଇଯାଇଛି। ଏହି ଅବସରରେ ଧାନଚେଙ୍ଗଡା ଗ୍ରାମବାସୀଙ୍କ ସହଯୋଗରେ ପ୍ରତିବର୍ଷ ପରି ଚଳିତ ବର୍ଷ ସୋମବାର ସକାଳ ୬ଟାରେ ଏକ କଳସ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଶ୍ରଦ୍ଧାଳୁମାନେ ଜଳଭରା କଳସକୁ ମନ୍ଦିର ପରିସରରେ ସ୍ଥାପନା କରିଥିଲେ। ପରେ ନାମ ସଂକୀର୍ତ୍ତନ, ହୋମଯଜ୍ଞ ସମ୍ପନ୍ନ ହୋଇଥିଲା। ଅପରାହ୍ନ ୪ଟାରେ ପୂର୍ଣ୍ଣାହୁତି ଦର୍ଶନ ପାଇଁ ଧାନଚେଙ୍ଗଡା ସମେତ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ କଟକ ଜିଲା କାଠଖୁଣ୍ଟ ଅଞ୍ଚଳର ରାମ ନାଟକ ଇନ୍ଦ୍ରଜିତ ବଧ ମଞ୍ଚସ୍ଥ କରାଯାଇଥିଲା। ରାତିରେ ଗ୍ରାମର ଯୁବ କଳାକାରମାନଙ୍କ ଦ୍ୱାରା ସାମାଜିକ ନାଟକ 'କାନ୍ଦୁଛି କେବଳ ତୋରି ପାଇଁ'ମଞ୍ଚସ୍ଥ କରାଯାଇଥିଲା। ଗ୍ରାମର ସଭାପତି ଭାଗିରଥୀ ମହାନ୍ତି, ସମ୍ପାଦକ ବେଣୁଧର ବରାଡ, କୋଷାଧ୍ୟକ୍ଷ ଗଙ୍ଗାଧର ନାୟକ ଓ ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଗ୍ରାମବାସୀ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସେହିପରି କାଳିଆପଲ୍ଲୀ ଗ୍ରାମରେ ସୋମବାର ଧନୁପୂଜା ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଲଳିତା ଡୁବୁରୀ ନିକଟ ପ୍ରାଚୀନ କିର୍ତ୍ତୀ ବହନ କରୁଥିବା ଲଳିତା ବିଦ୍ୟାପତି କୁଞ୍ଜରେ ସମାଗମ ହୋଇ ପୂଜାର୍ଚ୍ଚନା କରିବା ପରେ ଲାଖବିନ୍ଧା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସ୍ଥାନୀୟ ବିଶ୍ୱାବସୁ ମଠରେ ଗୀତା ଯଜ୍ଞ, ଭାଗବତ ଓ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା।

ପ୍ରତିବର୍ଷ କାଳିଆପଲ୍ଲୀ ଗ୍ରାମରେ ଅନୁଷ୍ଠିତ ହୋଇ ଆସୁଥିବା ଧନୁପୂଜା ମହୋତ୍ସବ ଜଗନ୍ନାଥ ସଂସ୍କୃତିର ଆଦିପୀଠ ଶ୍ରୀ ନୀଳମାଧବଙ୍କ ଏକ ପ୍ରାଚୀନ ପୌରାଣିକ କିମ୍ବଦନ୍ତୀ। ପ୍ରତି ବର୍ଷ ଧନୁ ସଂକ୍ରାନ୍ତୀରେ ଧନୁପୂଜା ମହୋତ୍ସବ ପାଳନ କରାଯାଇଥାଏ। ଆଦିବାସୀ ଶବର ଜାତି ଲୋକଙ୍କର ଜୀବନ ଜୀବିକା ଓ ଆତ୍ମରକ୍ଷାର ଆୟୁଧ ହେଉଛି ଧନୁ ଆଉ ତୀର। ଜୀବନ ଜୀବିକାର ସହାୟକ ଧନୁ ଓ ତୀରକୁ ଶ୍ରଦ୍ଧା ଓ ସମ୍ମାନ ଦେବା ଲକ୍ଷ୍ୟରେ କାଳିଆପଲ୍ଲୀର ଆବାଳ ବୃଦ୍ଧ ବନୀତା ଏହି ଧନୁପୂଜା ମହୋତ୍ସବ ଆଡମ୍ବର ସହକାରେ ପାଳନ କରିଥାଆନ୍ତି। କାଳିଆପଲ୍ଲୀର ମହିଳା ଓ ଛୋଟ ଝିଅମାନେ ନିଜକୁ ଏହି ଦିନ ଶବରୁଣୀ ବେଶରେ ସଜାଇ ନାଚଗୀତ କରି ବିଶ୍ୱାବସୁ, ନୀଳମାଧବ, ଲଳିତା ଓ ଜଗନ୍ନାଥଙ୍କୁ ପୂଜା କରିଥାଆନ୍ତି। ସେହିପରି ପୁରୁଷ ଓ ବାଳକମାନେ ବାଡି, ଧନୁ ତୀର ଧରି ବୀର ପାଇକମାନଙ୍କ ଖେଳ ପ୍ରଦର୍ଶନ କରିଥାଆନ୍ତି। ଏହି ଅବସରରେ କାଳିଆପଲ୍ଲୀରେ ବିଶ୍ୱାବସୁ ମଠରେ ୪୦ରୁ ଊର୍ଦ୍ଧ୍ୱ ସାଧୁସନ୍ଥଙ୍କ ସମାଗମ ହୋଇଥିଲା। ଆଶ୍ରମରେ ଥିବା ଶିଆଳିଲଟା ତଳେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଠର ମହନ୍ତ ବାବା ଗଙ୍ଗଧର ଦାସଙ୍କ ତତ୍ତ୍ୱାବଧାନରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ବିଶ୍ୱାବସୁଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଉଛି।

# ବାଲି ଚାଲାଣକୁ କେନ୍ଦ୍ରକରି ଫରେଷ୍ଟ ଗାର୍ଡଙ୍କୁ ମାଡ଼

## ୫ ଜଣଙ୍କ ନାମରେ ମାମଲା

ରଣପୁର,୧୮।୧୨
(ସୁକାନ୍ତ କିଶୋର ଡାକୁଆ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳ ଓ ପଟିଆ ସେକ୍ସନ ଅଧୀନରେ ଥିବା ଚାନ୍ଦପୁର ଥାନା ରଣ୍ଡା ବିଟ୍ ହାଉସରେ ବୁଧବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । କେତେଜଣ ବ୍ୟକ୍ତି ରଣ୍ଡା ଫରେଷ୍ଟଗାର୍ଡଙ୍କୁ ମାଡ଼ ମାରି ଲହୁଲୁହାଣ କରିଛନ୍ତି । ଏ ନେଇ ନୟାଗଡ଼ ଜିଲା ଚାନ୍ଦପୁର ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି। ଚାନ୍ଦପୁର ପୋଲିସ ଫରେଷ୍ଟରଗାର୍ଡ଼ଙ୍କ ଅଭିଯୋଗ ଅନୁସାରେ ଏକ ମାମଲା(ନଂ.୨୨୧/୨୪) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରୁଛି ।

ସୂଚନା ଅନୁଯାୟୀ, ରଣ୍ଡା ବିଟ୍ ହାଉସରେ ଫରେଷ୍ଟ ଗାର୍ଡ଼ ଭବାନୀ ପ୍ରସାଦ ପଟ୍ଟନାୟକଙ୍କୁ କେତେଜଣ ଗ୍ରାମବାସୀ ବୁଧବାର ମାଡ଼ ମାରିଛନ୍ତି । ଏଥିରେ ସେ ଆହତ ହୋଇଛନ୍ତି । ରଣ୍ଡା ଗ୍ରାମବାସୀ କହିବା ମୁତାବକ ରଣ୍ଡା ଗ୍ରାମରେ କେହି ଘର କରିବାକୁ ଚାହିଁଲେ ସ୍ଥାନୀୟ ଏକ ନାଳରୁ ବାଲି ଆଣିଥାନ୍ତି । କିନ୍ତୁ ଫରେଷ୍ଟଗାର୍ଡ ସେମାନଙ୍କୁ ହଇରାଣ ହରକତ କରନ୍ତି । କୁକୁଡ଼ା ଓ ଟଙ୍କା ପଇସା ମାଗିଥାନ୍ତି । ନିଶାସକ୍ତ ଅବସ୍ଥାରେ ଗ୍ରାମବାସୀଙ୍କୁ ଭୟଭୀତ କରିଥାଆନ୍ତି । ଅନ୍ୟପକ୍ଷେ ସେ ଅନ୍ୟ ଗ୍ରାମକୁ ବାଲି ବିକ୍ରୀ କରି ୫୦୦ରୁ ୧୦୦୦ ଟଙ୍କା ଆଦାୟ କରିଥାନ୍ତି । ବୁଧବାର ଅନ୍ୟ ଗ୍ରାମକୁ ବାଲି ଚାଲାଣ ହେଉଥିବା ସମୟରେ ଗ୍ରାମର ସନ୍ତୋଷ ବରାଳ ଉକ୍ତ ଗାର୍ଡଙ୍କୁ ପଚାରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ଗାର୍ଡ ଜଣଙ୍କ ଅତ୍ୟଧିକ ମଦ୍ୟପାନ କରିଥିବା ହେତୁ ଏକ ଗଛରେ ପିଟି ହୋଇ ଆହତ ହୋଇଥିଲେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷେ ଫରେଷ୍ଟ ଗାର୍ଡ ଭବାନୀ ପ୍ରସାଦ ପଟ୍ଟନାୟକଙ୍କୁ ପଚାରିବାରୁ ସେ ଏହାକୁ ଖଣ୍ଡନ କରିଛନ୍ତି । ମୋ ନାମରେ ଗ୍ରାମବାସୀ ମିଥ୍ୟା ଅଭିଯୋଗ କରିଛନ୍ତି ବୋଲି କହିଛନ୍ତି ।

# ବସିଲା ବୈଠକ, ହୋଇପାରିଲାନି ସମାଧାନ


ବୈଠକରେ ଯୋଗ ଦେଇଥିବା ବ୍ୟକ୍ତିମାନେ।

## ରେଳ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ସମସ୍ୟା

ଦଶପଲ୍ଲା,୧୮।୧୨(ପ୍ରକାଶ କୁମାର ପାଣି)

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ପ୍ରକଳ୍ପରେ କ୍ଷତିଗ୍ରସ୍ତ ହେଉଥିବା ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଟାକରା ଗ୍ରାମ ପଞ୍ଚାୟତ ଅଧୀନସ୍ଥ ବୁଗୁଡ଼ା କଲୋନୀ ଆଦିବାସୀ କ୍ଷତିଗ୍ରସ୍ତ ହେଉଛନ୍ତି । ଶତାଧିକ ଏକର ଅଧିକୃତ ଜଙ୍ଗଲଜମି ଉପରେ ରେଳ ପ୍ରକଳ୍ପ ଯାଉଛି । ବୁଗୁଡ଼ା କଲୋନୀର ୫୦ ଆଦିବାସୀ ପରିବାର ଏହାର ଦୃଢ଼ ବିରୋଧ କରିଛନ୍ତି। ଅତୀତରେ ଏହି ପ୍ରକଳ୍ପ ବିରୋଧରେ ୭ ମାସ ଧରି ଧାରଣା ଦେବା ପରେ ପ୍ରଶାସନ ଆଦିବାସୀ ପରିବାରମାନଙ୍କୁ ଜମିର ସତ୍ତ୍ୱାଧିକାର ପ୍ରଦାନ କରିଥିଲେ। କିନ୍ତୁ ଏବେ ପ୍ରକଳ୍ପର ଅଗ୍ରଗତି ନିମନ୍ତେ ଆଦିବାସୀମାନଙ୍କ ଜମି ଅଧିଗ୍ରହଣ କରିବାକୁ ଦଶପଲ୍ଲା ତହସିଲଦାର ସ୍ମୃତି ରଞ୍ଜନ ଶତପଥୀଙ୍କ ଅଧ୍ୟକ୍ଷତାରେ ଗ୍ରାମବାସୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ତହସିଲଦାର ରେଳ ପ୍ରକଳ୍ପ ଯିବା ପାଇଁ ଜମି ଛାଡିବା ପାଇଁ ଗ୍ରାମବାସୀଙ୍କୁ କହିଥିଲେ। କିନ୍ତୁ ଗ୍ରାମବାସୀ ଉପଯୁକ୍ତ କ୍ଷତି ପୂରଣ ନ ପାଇବା ପର୍ଯ୍ୟନ୍ତ ଇଞ୍ଚେ ବି ଜାଗା ଛାଡ଼ିବେ ନାହିଁ ବୋଲି ଦୃଢ ଦାବି ଉପସ୍ଥାପନ କରିଥିଲେ । ବୁଧବାର ଅନୁଷ୍ଠିତ ବୈଠକରେ ତହସିଲଦାରଙ୍କ ସମେତ ସ୍ଥାନୀୟ ବନାଞ୍ଚଳ ଅଧିକାରୀ ,ବ୍ଲକ ମଙ୍ଗଳ ଅଧିକାରୀ,ସହକାରୀ ଯନ୍ତ୍ରୀ , ଭୁ - ଅର୍ଜନ ଅଧିକାରୀଙ୍କ ସମେତ ବ୍ଲକ କର୍ମକର୍ତ୍ତା ଓ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ଶେଷରେ କୌଣସି ନିଷ୍କର୍ଷ ନ ବାହାରିବା ଯୋଗୁ ବୈଠକ ଅଧାରେ ସ୍ଥଗିତ ରହିଥିଲା।

# ମିନିବସ୍‌ର ଫିଟ୍‌ନେସ୍ ଯାଞ୍ଚ ହେଉନି

ଖଣ୍ଡପଡ଼ା,୧୮।୧୨
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହର ଦେଇ କଣ୍ଟିଲୋ, ଗଣିଆ, ନୟାଗଡ଼, ରଣପୁର, ଭାପୁର, କଳାପଥର ଓ ଦଶପଲ୍ଲା ଅଞ୍ଚଳକୁ ଯାତାୟତ କରୁଥିବା ମିନି ଯାତ୍ରୀବାହୀ ବସଗୁଡିକ ଅତି ଦୟନୀୟ ଅବସ୍ଥାରେ ଯାତ୍ରୀମାନଙ୍କୁ ନେବା ଆଣିବା କରୁଛନ୍ତି। ସେହିବସଗୁଡିକ ଆବଶ୍ୟକତାଠାରୁ ଅଧିକ ସଂଖ୍ୟକ ଯାତ୍ରୀମାନଙ୍କୁ ନେବା ଆଣିବା କରୁଛନ୍ତି। ନୟାଗଡ ଆଞ୍ଚଳିକ ପରିବହନ ଅଧିକାରୀଙ୍କଠାରୁ ଆରମ୍ଭ କରି ଅନ୍ୟ ପ୍ରଶାସନିକ ଅଧିକାରୀମାନେ ସେଥିପ୍ରତି ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି। ସେହିପରି ଏହି ବସଗୁଡିକ ମଧ୍ୟରୁ ଅଧିକାଂଶ ପୁରୁଣା ହୋଇଥିବାରୁ ସେଗୁଡିକର ଫିଟଟେସ ଯାଞ୍ଚ ନିମନ୍ତେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବା ଜରୁରୀ ଅଟେ ବୋଲି ବୁଦ୍ଧିଜୀବି ମହଲରୁ ଦାବି ହେଉଛି। ଯାତ୍ରୀବାହୀ ଗାଡ଼ିଗୁଡିକର ଝରକାରେ କାଚ ନ ଥିବାରୁ ବିଶେଷ କରି ଶୀତ ଓ ବର୍ଷା ଋତୁରେ ଯାତାୟତ କରୁଥିବା ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି।

# ଭାରତୀୟ ବିକାଶ ପରିଷଦ ପକ୍ଷରୁ ଧାରଣା


ଧାରଣାରେ ବସିଥିବା ବିକାଶ ପରିଷଦର କର୍ମକର୍ତ୍ତା।

## ସିଡିପିଓ, ସୁପରଭାଇଜରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଖଣ୍ଡପଡ଼ା,୧୮।୧୨
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ କେ କେଟେକେଶ୍ୱରୀ ଓ ସୁପରଭାଇଜର ଲକ୍ଷ୍ମୀ ବସନ୍ତରାୟଙ୍କ କାର୍ଯ୍ୟକଳାପକୁ ନେଇ ଖଣ୍ଡପଡା ବ୍ଲକ ଅଙ୍ଗନୱାଡ଼ୀ କର୍ମୀ ମହଲରେ ଅସନ୍ତୋଷ ପ୍ରକାଶ ପାଇ ଆସୁଥିବା ବେଳେ ଉଭୟ ଅଧିକାରିଣୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଦାବିରେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଖଣ୍ଡପଡା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ବୁଧବାର ଧାରଣା ଦିଆଯାଇଥିଲା । ଧାରଣା ସ୍ଥଳରେ ଭାରତୀୟ ବିକାଶ ପରିଷଦର ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ, ଉପ ସଭାପତି ନିରଞ୍ଜନ ଦାସ, ନୟାଗଡ ଜିଲା ମହିଳା ସଭାନେତ୍ରୀ କନକଲତା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସିଡିପିଓ ଓ ସୁପରଭାଇଜରଙ୍କ କାର୍ଯ୍ୟକଳାପର ନିନ୍ଦା କରିବା ସହ ଅଭିଯୋଗ ସତ୍ତ୍ୱେ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନୀରବତାକୁ ନେଇ ପ୍ରଶ୍ନ ଉଠାଇଥିଲେ । ସିଡିପିଓ ଓ ସୁପରଭାଇଜରଙ୍କ କାର୍ଯ୍ୟକଳାପର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଦାବି ହୋଇଛି । ଏ ସମ୍ପର୍କୀତ ଦାବିପତ୍ର ଖଣ୍ଡପଡା ବିଡିଓଙ୍କ ଜରିଆରେ ନୟାଗଡ଼ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ଆସନ୍ତା ୧୫ ଦିନ ମଧ୍ୟରେ ସିଡିପିଓ ଓ ସୁପରଭାଇଜରଙ୍କ ବିରୋଧରେ ଯଦି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି ତା'ହେଲେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବା ସହ ଏ ନେଇ ଉଚ୍ଚ ନ୍ୟାୟାଳୟରେ ମାମଲା ରୁଜୁ ହେବ ବୋଲି ପରିଷଦର ରାଜ୍ୟ ସଭାପତି ପାଣିଗ୍ରାହୀଙ୍କଠାରୁ ପ୍ରକାଶ ।

# ଇଟାଭାଟିରୁ ୪ ଶିଶୁ ଶ୍ରମିକ ଉଦ୍ଧାର

ନୟାଗଡ଼,୧୮।୧୨(ଲୋକନାଥ ମିଶ୍ର)

ନୟାଗଡ଼ ଚାଇଲଡ ଲାଇନ ଓ ଗଣିଆ ଉନ୍ନୟନ କମିଟି ମିଳିତ ଭାବେ ନୟାଗଡ଼ ସଦର ଥାନା ପଦ୍ମପୁର ଗୋଲଗୋଳାର ଏକ ଇଟାଭାଟିରୁ ୪ ଜଣ ଶିଶୁ ଶ୍ରମିକ ଉଦ୍ଧାର କରିଛନ୍ତି। ଉଦ୍ଧାର ଶିଶୁ ଶ୍ରମିକଙ୍କୁ ଜିଲ୍ଲା ଶିଶୁମଙ୍ଗଳ ସମିତିରେ ହାଜର କରାଯାଇଥିଲା। ଏମାନଙ୍କ ଭିତରେ ଜଣେ ଝିଅ ଥିବା ବେଳେ ୩ ଜଣ ପୁଅ ଅଛନ୍ତି। ବରଗଡ଼ ଜିଲାରୁ ଆସି ପଦ୍ମପୁର ଗୋଲଗୋଳାରେ ୧୫ ଦିନ ହେବ ରହି କାମ କରୁଥିଲେ। ପଦ୍ମପୁର ଗାଁର ଯାଗଲି ରାଉତ ନାମକ ଜଣେ ଯୁବକ ନାବାଳକମାନଙ୍କୁ ଇଟା ଫ୍ୟାକ୍ଟ୍ରିରେ କାମ କରାଉଥିଲା। ଶିଶୁ ଶ୍ରମିକ କାମ କରିବା ନେଇ ୧୦୯୮କୁ କଲ ଆସିବା ପରେ ଚାଇଲଡ ଲାଇନ, ଗଣିଆ ଉନ୍ନୟନ କମିଟିର କର୍ମଚାରୀ ସହ ସଦର ଥାନା ପୋଲିସ ମିଳିତ ଭାବେ ପଦ୍ମପୁର ଗ୍ରାମରେ ଥିବା ଇଟା ଫାକ୍ଟ୍ରି ଉପରେ ଚଢ଼ାଉ କରିଥଲେ।


ଇଟାଭାଟିରୁ ୪ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଉଛି।

# ରାସ୍ତାରୁ ବେଆଇନ ହମ୍ପସ୍ ଉଚ୍ଛେଦ ଦାବି

ଖଣ୍ଡପଡ଼ା,୧୮।୧୨
(ଅଜୟ କୁମାର ମହାରଣା)

କଣ୍ଟିଲୋର-ଖଣ୍ଡପଡ଼ା ସହର ଦେଇ ନୟାଗଡ଼ ସହରକୁ ସଂଯୋଗ କରୁଥିବା ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାରେ ବିଭିନ୍ନ ସ୍ଥାନରେ ହମ୍ପସ ନିର୍ମାଣ କରାଯାଇଥିବାରୁ ଯାନବାହନ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଛି । ଖଣ୍ଡପଡ଼ାରୁ ନୟାଗଡ଼ ସହରକୁ ରାସ୍ତାର ଦୂରତ୍ୱ ୧୯ କିମି ହୋଇଥିବା ବେଳେ ଏବେ ଏହି ରାସ୍ତା ଅତିକ୍ରମ କରିବାକୁ ଯାନବାହନ ଗୁଡିକୁ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଲାଗୁଛି । ପୂର୍ତ୍ତ ବିଭାଗ ଅଧୀନରେ ଥିବା ଏହି ରାସ୍ତାର ଉନ୍ନତିକରଣ କାର୍ଯ୍ୟ ପ୍ରତିବର୍ଷ କରାଯାଉଥିଲେ ହେଁ ରାସ୍ତାର ଅଧିକାଂଶ ସ୍ଥାନରେ ଥିବା ଏକାଧିକ ହମ୍ପସ ଉଚ୍ଛେଦ କରାଯାଉ ନାହିଁ । ଫଳରେ ଜରୁରୀ କାଳୀନ ପରସ୍ଥିତିରେ ୧୦୮ ଆମ୍ବୁଲାନ୍ସ ସେବା, ଅଗ୍ନିଶମ ସେବା ଗାଡ଼ି ଗୁଡିକ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଛି ।

# ଜଳୁନି ହାଇମାଷ୍ଟ ଲାଇଟ୍

## ରାତିରେ ମନ୍ଦିର ପରିସର ଅନ୍ଧକାର

ଖଣ୍ଡପଡ଼ା,୧୮।୧୨(ଅଜୟ କୁମାର ମହାରଣା): ଖଣ୍ଡପଡ଼ା ସହର ଆରାଧ୍ୟ ପ୍ରଭୁ ଶ୍ରୀନୀଳକଣ୍ଠେଶ୍ୱର ଦେବଙ୍କ ପୀଠ ପରିସରରେ ଥିବା ହାଇମାଷ୍ଟ ଲାଇଟ୍ ଗତ ୨ମାସ ଧରି ଜଳୁ ନ ଥିବାରୁ ରାତିରେ ମନ୍ଦିର ପରିସର ଅନ୍ଧାରରେ ରହୁଛି। ସନ୍ଧ୍ୟା ପରଠାରୁ ଠାକୁରଙ୍କୁ ଦର୍ଶନ କରିବାକୁ ଯାଉଥିବା ଶ୍ରଦ୍ଧାଳୁମାନେ ଏଥିପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମନ୍ଦିର କର୍ତ୍ତୃପକ୍ଷ ଓ ଜନସାଧାରଣ ଏ ସମ୍ପର୍କରେ ଖଣ୍ଡପଡ଼ା ଏନଏସିର ଉଚ୍ଚପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ସେହିପରି ମନ୍ଦିରର ମୁଖଶାଳା ସମ୍ମୁଖରେ ଲଗାଯାଇଥିବା ଏଲଇଡି ଲାଇଟ୍ ବି ଅଚଳ ହୋଇ ପଡିଛି। ଏଥିପ୍ରତି ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ସହରବାସୀ ଦାବି କରିଛନ୍ତି।

# ବକ୍ତୃତା ପ୍ରତିଯୋଗିତାରେ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରଥମ

ଖଣ୍ଡପଡ଼ା,୧୮।୧୨(ଅଜୟ କୁମାର ମହାରଣା)

ନୟାଗଡ଼ଠାରେ ଆନ୍ତର୍ଜାତୀୟ ଶିଶୁ କନ୍ୟା ଦବସ ପାଳନ ଅବସରରେ ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ରୀ ଆଦ୍ୟାଶା ମହାରଥୀ ବକ୍ତୃତା ପ୍ରତିଯୋଗୀତାରେ ଜିଲାରେ ପ୍ରଥମ ହୋଇ ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି । ଜଣେ କୃତୀ ଛାତ୍ରୀ ଭାବେ ଜଣାଶୁଣା ଆଦ୍ୟାଶା ଖଣ୍ଡପଡ଼ା ସହରର ବରେନ୍ଦ୍ର କୃଷ୍ଣ ମହାରଥୀଙ୍କ ଏକମାତ୍ର କନ୍ୟା ଅଟନ୍ତି। ଛାତ୍ରୀଙ୍କ ଏହି ସଫଳତା ପାଇଁ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ,ଶିକ୍ଷକମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଶିଖରପୁର ସେବା ସମବାୟ ସମିତି ପରିଚାଳନା କମିଟି ଭାଙ୍ଗିଲା

ଖଣ୍ଡପଡ଼ା,୧୮।୧୨
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ଶିଖରପୁର ସେବା ସମବାୟ ସମିତି ପରିଚାଳନା କମିଟିକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ଭାଙ୍ଗି ଦିଆଯାଇଥିବା ଏ ସମ୍ପର୍କୀତ ଚିଠରୁ ଜଣାପଡିଛି । ସୂଚନାଯୋଗ୍ୟ, ଶିଖରପୁର ସେବା ସମବାୟ ସମିତି ପରିଚାଳନା କମିଟି ଗଠନ ପରଠାରୁ ସଦସ୍ୟମାନେ ଠିକ ରୁପେ ଦାୟିତ୍ୱ ତୁଲାଉ ନ ଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା । ଏପରିକି ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ବେଖାତିର କରି ପରିଚାଳନା କମିଟି କାର୍ଯ୍ୟ କରୁଥିବା ବେଳେ ନିୟମିତ ଭାବେ ବୈଠକ ବସୁ ନ ଥିବାରୁ କୌଣସି ପ୍ରସଙ୍ଗ ଉପରେ ଆଲୋଚନା ହୋଇ ପାରୁ ନ ଥିଲା । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ସମ୍ପର୍କରେ ଅବଗତ ହେବା ପରେ ସେବା ସମବାୟ ସମିତିର ପରିଚାଳନା କମିଟି ଭାଙ୍ଗି ଦିଆଯାଇ ଏହାର ପରିଚାଳନା ଦାୟିତ୍ୱ ବିଭାଗୀୟ ଅଧିକାରୀ ନିରଞ୍ଜନ ପ୍ରଧାନଙ୍କ ଉପରେ ନ୍ୟସ୍ତ କରାଯାଇଛି ।

# ଜିଲାସ୍ତରୀୟ ଅନ୍ତର୍ଜାତୀୟ କନ୍ୟା ଦିବସ

## ଭାଷଣ ଦେଇ ସାରିବା ପରେ ଅଧ୍ୟାପିକାଙ୍କୁ ହୃଦ୍‌ଘାତ୍

ନୟାଗଡ଼,୧୮।୧୨(ଲୋକନାଥ ମିଶ୍ର)



ଅନ୍ତର୍ଜାତୀୟ କନ୍ୟା ଦିବସ ସଭାରେ ମଞ୍ଚାସୀନ ଅତିଥି।

ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନରେ ବୁଧବାର ଜିଲାସ୍ତରୀୟ ଆନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳନ ହୋଇ ଯାଇଛି । ସମଗ୍ର ଶିକ୍ଷା ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ସଭାରେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥଲେ । ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ରୂପେ ଜିଲା ପରିଷଦର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ପଣ୍ଡା, ଜିଲା ଜନସ୍ୱାସ୍ଥ୍ୟ ଅଧିକାରିଣୀ ପୁଷ୍ପା ନିଳିମା ଲାକ୍ରା, ପ୍ରଜା ମଣ୍ଡଳ ମହିଳା ମହା ବିଦ୍ୟାଳୟର ଓଡ଼ିଆ ରିଡର ବିଦ୍ୟୁତ୍ ପ୍ରଭା ମିଶ୍ର, ଜିଲା କଲ୍ୟାଣ ଅଧିକାରୀ ଅର୍ଚ୍ଚନା କଅଁର, ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଅଧିକାରୀ ଶିବିୟନ ପ୍ରଧାନ, ଜିଲା ମଙ୍ଗଳ ସମିତିର ସଭ୍ୟ ଶୁଭ୍ରାଂଶୁ ମିଶ୍ର, ପ୍ରକାଶ ଗନ୍ତାୟତ ପ୍ରମୁଖ ଯୋଗ ଦେଇଥିଲେ । ତେବେ ଭାଷଣ ଦେଉଥିବାବେଳେ ଓଡିଆ ରିଡର ବିଦ୍ୟୁତ୍ ପ୍ରଭା ମିଶ୍ର ଅସୁସ୍ଥ ହୋଇ ପଡିଥିଲେ । ତେବେ ତାଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଅବସ୍ଥାରେ ଉନ୍ନତି ନ ଆସିବାରୁ ଏମ୍‌ସକୁ ସ୍ଥାନାନ୍ତରିତ କରାଯାଇଛି । ଓଡିଆ ରିଡର ଅସୁସ୍ଥ ପରେ କାର୍ଯ୍ୟକ୍ରମ ପାଣିଚିଆ ହୋଇ ଯାଇଥିଲା । ସମଗ୍ର ଶିକ୍ଷା ସଂଯୋଜିକା ଶ୍ରାବଣୀ ମିଶ୍ର ଏହାକୁ ପରିଚାଳନା କରିଥିଲେ । ଏ ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି । ସେହିଭଳି ଶ୍ରେଷ୍ଠ ବାଲ୍ୟ ବିବାହ ପ୍ରତିରୋଧି ଯୋଦ୍ଧା ଭାବେ ତୃପ୍ତିମୟୀ ପାଣିଗ୍ରାହୀ, ଶ୍ରେଷ୍ଠ ଆଶାକର୍ମୀ ଭାବେ ମମତା ବେହେରା, ଶ୍ରେଷ୍ଠ ଅଙ୍ଗନୱାଡି କର୍ମୀ ଭାବେ ସଙ୍ଗୀତା ଦାସ, ଶ୍ରେଷ୍ଠ ବାଳିକା ଖେଳାଳୀ ଭାବେ ମିନତୀ ସାହୁ, ଶ୍ରେଷ୍ଠ କେକରିକୁଲାର ସନ୍ଧ୍ୟାରାଣୀ ବରାଡ, ଶ୍ରେଷ୍ଠ ସ୍ୱୟଂ ସହାୟିକା ଗୋଷ୍ଠୀ ଭାବେ ଲେଙ୍କୁଡିପଡାର ମା'ତାରିଣୀ ଗୋଷ୍ଠୀକୁ ସମ୍ବର୍ଦ୍ଧିତ କରାଯାଇଛି । ଶେଷରେ ସାଂସ୍କୃତିକ ଆସର ଅନୁଷ୍ଠିତ ହୋଇଥିଲା ।

